**ବାୟାଗୁଡା ଜଙ୍ଗଲରେ ଅବକାରୀ ଚଢାଉ**

ଜୟପୁର,(ପବନ ପାଣିଗ୍ରାହୀ)- ଜୟପୁର ସଦର ଥାନା ଅନ୍ତର୍ଗତ ବାୟାଗୁଡା ଜଙ୍ଗଲରେ ଅବକାରୀ ଥାନା ପକ୍ଷରୁ ଚଢାଉ କରାଯାଇଛି। ଦେଶୀ ମଦ ପ୍ରସ୍ତୁତ ସହ ଲୁଚାଇ ରଖିଥିବା ବେଳେ ମାଫିଆମାନେ ଚମ୍ପଟ ମାରିଥିଲେ। ମଦ ଭାଟି ଭାଙ୍ଗି ୫ ଶହ ଲିଟର ପୋଚ ଓ ୨୫ ଲିଟର ଦେଶୀ ମଦ ଜବତ କରାଯାଇଛି। ମଦ ସରଞ୍ଜାମ ଓ ଡ୍ରମ ଆଦିକୁ ଜବତ କରାଯାଇଥିବା ଅବକାରୀ ଓଆଇସି ହିରଣ ସୁବ୍ରତ ସୂଚନା ଦେଇଛନ୍ତି।

## ଦେବେନ୍ଦ୍ର ପ୍ରଧାନଙ୍କ ବିୟୋଗରେ ସିୟୁଓର ଶୋକସଭା

କୋରାପୁଟ,୧୯।୩
(ଅମିତାଭ ବେହେରା)

ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବାପା ଡ. ଦେବେନ୍ଦ୍ର ପ୍ରଧାନଙ୍କ ବିୟୋଗରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଶୋକସଭା ଅନୁଷ୍ଠିତ ହୋଇଯାଇଛି। କୁଳପତି ଚକ୍ରଧର ତ୍ରିପାଠୀ,ବରିଷ୍ଠ ଅଧ୍ୟାପକ ପ୍ରଫେସର ଏନ୍.ସି ପଣ୍ଡା, ପ୍ରଫେସର ରଥିକାନ୍ତ କୁମ୍ଭାର, ପ୍ରଫେସର ଭରତ କୁମାର ପଣ୍ଡା ଓ ଡ. ଅଶୋକ କୁମାର ସାହୁ ଡ. ପ୍ରଧାନଙ୍କ ପୁଷ୍ପମାଲ୍ୟ ଅର୍ପଣ କରି ୨ ମିନଟ୍ ନୀରବ ପ୍ରାର୍ଥନା କରିଥିଲେ। ସଭାରେ ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଲୋକ ସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଜିଲାପାଳଙ୍କ ନିର୍ଦ୍ଦେଶକୁ ଅବମାନନା କରୁଛନ୍ତି ୩ ବିଡିଓ

କୁନ୍ଦୁରା,୧୯।୩(ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ୍ ଅଧୀନରେ କାର୍ଯ୍ୟ କରିବା ପାଇଁ ୧୬ ପିଇଓ ଆବଶ୍ୟକ ଥିବା ବେଳେ ବର୍ତ୍ତମାନ ୧୦ ଜଣ ରହିଛନ୍ତି। ଏ ନେଇ କୁନ୍ଦୁରା ପଞ୍ଚାୟତ ସମିତିର ଲୋକେ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେବା ପରେ କୋରାପୁଟ ଜିଲାପାଳ ବିଭିନ୍ନ ବ୍ଲକରେ କାର୍ଯ୍ୟ କରୁଥିବା ୩ ଜଣ ପିଇଓଙ୍କୁ କୁନ୍ଦୁରା ବ୍ଲକ୍‌ରେ ଯୋଗ ଦେବା ନେଇ ବିଡିଓମାନଙ୍କୁ ଚିଠି ମାଧ୍ୟମରେ ନିର୍ଦ୍ଦେଶ ଦେଇଛନ୍ତି। ୨୦।୧୨।୨୦୨୪ରେ ଚିଠି ନଂ. ୧୪୭୨/୨୪ରେ ଜିଲା ପଞ୍ଚାୟତ ବିଭାଗ ପକ୍ଷରୁ ଜୟପୁର, ବୋରିଗୁମ୍ମା ଏବଂ କୋଟପାଡ଼ ବିଡିଓଙ୍କୁ ନିର୍ଦ୍ଦେଶ ରହିଥିବା ସତ୍ତ୍ୱେ ଏହାକୁ ଅବମାନନା କରାଯାଉଥିବା ଅଭିଯୋଗ ହୋଇଛି।



କୁନ୍ଦୁରା ପଞ୍ଚାୟତ ସମିତି କାର୍ଯ୍ୟାଳୟ ।

ଏକାଧିକ ପଞ୍ଚାୟତ ଦାୟିତ୍ୱରେ ରହିଥିବାରୁ ଠିକ ସମୟରେ ପିଇଓମାନଙ୍କୁ ଅଫିସ କାର୍ଯ୍ୟ ସମ୍ପାଦନ କରିବା ସମ୍ଭବ ହୋଇପାରୁନଥିବା ଦେଖିବାକୁ ମିଳୁଛି। ଗତ ଦିନରେ କୁନ୍ଦୁରା ପଞ୍ଚାୟତ ସମିତି ଅଧୀନରେ ୧୦ ଗ୍ରାମ ପଞ୍ଚାୟତ ଥିବା ବେଳେ କେତେକ ବଡ଼ ପଞ୍ଚାୟତକୁ ବିଭକ୍ତ କରି ସମୁଦାୟ ୧୨ ପଞ୍ଚାୟତ ହୋଇଥିଲା। କିନ୍ତୁ ଏଥିରେ ମଧ୍ୟ ଲୋକ ସଂଖ୍ୟା ଦିନକୁ ଦିନ ବୃଦ୍ଧି ହେବାରୁ ଫୁପୁଗାଁ, ଫୁଲଭଟ୍ଟା, ପଖନାଗୁଡ଼ା ଓ ଗୁଣ୍ଡାଳ ପଞ୍ଚାୟତକୁ ୨୦୧୭ରେ ନୂତନ ମାନ୍ୟତା ଦିଆଯାଇଥିଲା। ଫଳରେ ପାଖାପାଖି ଦେଢ଼ ଲକ୍ଷ ଜନବସତି ଏହି ଅଞ୍ଚଳରେ

### ୪ ମାସ ପୂରିଲାଣି ବଦଳି ନିର୍ଦ୍ଦେଶ

ଅତ୍ୟାବଶ୍ୟକ ଭାବେ ରହିଥିବା ପିଇଓ ନିଯୁକ୍ତି ଅବହେଳାକୁ ସହ୍ୟ କରାଯିବ ନାହିଁ ବୋଲି ବିଧାୟକ ପ୍ରତିନିଧି ବଦ୍ରିନାରାୟଣ ଆଚାର୍ଯ୍ୟ କହିଛନ୍ତି। ପିଇଓ ପଦବୀ ପୂରଣ ଓ ପଞ୍ଚାୟତସ୍ତରରେ ଉନ୍ନୟନମୂଳକ କାର୍ଯ୍ୟ ତ୍ୱରାନ୍ୱିତ ହେଉନଥିବାରୁ ସରକାରଙ୍କ ଦ୍ୱାରା ମଞ୍ଜୁରୀ ପ୍ରାପ୍ତ ଅର୍ଥ ରାଶି ଫେରିଯାଉଛି। କୁନ୍ଦୁରା ବ୍ଲକ୍ ଅଧୀନରେ ରହିଥିବା କେରିମିଟି, ପଖାନାଗୁଡ଼ା, ଗୁଣ୍ଡାଳ ଏବଂ ଫୁଲଭଟ୍ଟା ଆଦି ଅଞ୍ଚଳରେ ପଞ୍ଚାୟତ କାର୍ଯ୍ୟାଳୟ ମଧ୍ୟ ନ ଥିବାରୁ ପିଇଓମାନେ ଅଞ୍ଚଳର କାର୍ଯ୍ୟକୁ ବ୍ଲକ୍ କାର୍ଯ୍ୟାଳୟରେ ଥିବା ଜିପିଇଓ ଅଫିସରେ ବସି କରୁଛନ୍ତି।

## ୭ ଦଫା ଦାବି ନେଇ ଆଶାକର୍ମୀଙ୍କ ସମାବେଶ


ଆଶାକର୍ମୀମାନେ ଦାବିପତ୍ର ପ୍ରଦାନ କରୁଛନ୍ତି।

କୋରାପୁଟ,୧୯।୩(ଅମିତାଭ ବେହେରା)

କୋରାପୁଟ ସହରରେ ୭ ଦଫା ଦାବିକୁ ନେଇ ଆଶାକର୍ମୀଙ୍କ ମଙ୍ଗଳବାର ସମାବେଶ ହୋଇଛି। ଜିଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ରାଜ୍ୟ ଆଶାକର୍ମୀ ସଂଘ ଜିଲା ଶାଖାର ଅନେକ ହଜାର ଆଶାକର୍ମୀ ଶୋଭାଯାତ୍ରା କରି ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ଧାରଣା ଦେଇଥିଲେ। ଦାବି ସମ୍ପର୍କରେ ବିସ୍ତୃତ ଆଲୋକପାତକରି ଡେପୁଟି କଲେକ୍ଟର ସୁବ୍ରତ କୁମାର ସାହୁଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଆଶାକର୍ମୀଙ୍କୁ ସ୍ଥାୟୀ କରିବା, ମାସିକ ପେନ୍‌ସନ ୫ ହଜାର ଟଙ୍କା ପ୍ରଦାନ କରିବା, ଯାତାୟାତ ପାଇଁ ସ୍କୁଟି ପ୍ରଦାନ କରିବା ଓ ହସ୍ପିଟାଲରେ ସେମାନଙ୍କ ପାଇଁ ରେଷ୍ଟ ରୁମ୍ ସ୍ଥାପନ କରିବା ଆଦି ଦାବି ରହିଥିବା ବିଏମ୍ଏସ୍‌ର ଜିଲା ସମ୍ପାଦକ ବିରଞ୍ଚି ନାରାୟଣ ଷଡ଼ଙ୍ଗୀ କହିଛନ୍ତି। ଦାବି ପୂରଣ ନ ହେଲେ ଆନ୍ଦୋଳନ ତୀବ୍ରତର ହେବ ବୋଲି ସେ କହିଛନ୍ତି। ଭାରତୀୟ ମଜଦୁର ସଂଘର ଜିଲା ସଭାପତି ବିରଞ୍ଚି ସ୍ୱାଇଁ, ଜିଲା ଉପଦେଷ୍ଟା ସୁଧାଂଶୁ କୁମାର ପାଢ଼ୀ, ରାଜ୍ୟ ଆଶାକର୍ମୀ ସଂଘର ସାଧାରଣ ସମ୍ପାଦିକା କମଳା ବେହେରା,ଜିଲା ସଭାନେତ୍ରୀ ସୁଚିତ୍ରାରାଣୀ ସେଠୀ ଓ ସମ୍ପାଦିକା ଭବାନୀ ପୂଜାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଉପଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଟ୍ରାକ୍ଟର ମାଲିକ ସଂଘ

ଜୟପୁର, ୧୯।୩(ପବନ ପାଣିଗ୍ରାହୀ)

ଜୟପୁର ଟ୍ରାକ୍ଟର ମାଲିକ ସଂଘ ନ୍ୟାୟ ପ୍ରଦାନ ପାଇଁ ଜୟପୁର ଉପଜିଲାପାଳ ଆକାବରମ୍ ଶସ୍ୟା ରେଡ୍ଡୀଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଉପଜିଲାପାଳଙ୍କ ଅନୁପସ୍ଥିତିରେ ଡେପୁଟି କଲେକ୍ଟର ନମ୍ରତା ଗରଡିଆଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ୭ ଦିନ ହେବ ରାସ୍ତାରେ ଟ୍ରାକ୍ଟର ଗଡୁ ନ ଥିବା ବେଳେ ବାଲିଗୋଡ଼ି ଓ ଇଟା ଦେଖିବା ମାତ୍ରକେ ୬୦ ହଜାର ଜରିମାନା କରାଯାଇ ସିଜ୍ କରାଯାଉଛି। ଡ୍ରାଇଭରଙ୍କୁ ଗିରଫ କରାଯାଉଛି। ମାଲିକମାନଙ୍କୁ ନ୍ୟାୟ ଦେବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଜୟପୁରରେ ୧୫୦ରୁ ଊର୍ଦ୍ଧ୍ୱ ଟ୍ରାକ୍ଟର ମାଲିକ ଥିବା ବେଳେ ସେମାନଙ୍କ ଜୀବନଜୀବିକା ପ୍ରଭାବିତ ହେଉଥିବା ଅଭିଯୋଗ କରିଛନ୍ତି। ମାଲିକମାନେ ଋଣ କରି ଟ୍ରାକ୍ଟର ଆଣିଥିବା ବେଳେ ପ୍ରଶାସନ ଏହାକୁ ଗଡାଇ ଦେଉନାହିଁ। ଏଥିରେ ସଂଘ ସାଧାରଣ ସମ୍ପାଦକ ଶ୍ରୀକାନ୍ତ ମହାପାତ୍ରଙ୍କ ନେତୃତ୍ୱରେ ଟ୍ରାକ୍ଟର ମାଲିକମାନେ ଉପସ୍ଥିତ ଥିଲେ। ପୋଲିସ ଓ ପ୍ରଶାସନ ହାରାସମେଣ୍ଟ ନକରି ନ୍ୟାୟ ଦେବାକୁ ଦାବି ହୋଇଛି। ଦାବିପତ୍ରର ନକଲ କୋରାପୁଟ ଜିଲାପାଳ, ଜୟପୁର ମାଇନିଂ ଅଫିସର, କୋରାପୁଟ ଏସ୍‌ପି,ଜୟପୁର ଟାଉନ ଥାନା ଅଧିକାରୀ ଓ ଜୟପୁର ବିଧାୟକଙ୍କୁ ପ୍ରଦାନ କରାଯାଇଛି।


ଟ୍ରାକ୍ଟର ମାଲିକ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

## ଶୁଟିଂ ସାରି କୋରାପୁଟରୁ ଫେରିଲେ ପ୍ରିୟଙ୍କା, ରାଜାମୌଲୀ, ମହେଶ

### ପୁଷ୍ପଗୁଚ୍ଛ ଦେଇ ବିଦାୟ ଜଣାଇଲେ ଫ୍ୟାନ୍

ସୁନାବେଡ଼ା/ସେମିଳିଗୁଡା,୧୯।୩
(କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

କୋରାପୁଟ ଜିଲା ସେମିଳିଗୁଡ଼ା ବ୍ଲକ୍ ତଳମାଳି ପାହାଡ଼ ଅଞ୍ଚଳରେ ଚାଲିଥିବା ଏସ୍ଏସ୍ଏମ୍‌ବି୨୯ ଫିଲ୍ମର ଶୁଟିଂ ସାରି ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା, ସୁପରଷ୍ଟାର ମହେଶ ବାବୁ ଓ ନିର୍ଦ୍ଦେଶକ ଏସ୍ଏସ୍ ରାଜାମୌଲୀ ଟିମ୍ ସହ ଫେରିଛନ୍ତି। ନିର୍ଦ୍ଦେଶକ ରାଜାମୌଲୀଙ୍କ ନିର୍ଦ୍ଦେଶନାରେ ସୁପରଷ୍ଟାର ମହେଶ ଓ ପ୍ରିୟଙ୍କା କିଛି ଦିନ ହେବ ତଳମାଳି ଅଞ୍ଚଳରେ ଶୁଟିଂ ଜାରି ରଖିଥିଲେ। ସେ ସେମିଳିଗୁଡାରେ ଏକ ତାରକା ହୋଟେଲରେ ରହୁଥିବା ବେଳେ ବୁଧବାର ବିଦାୟ ନେଇଛନ୍ତି।


ହୋଟେଲ କର୍ମଚାରୀ ଓ ସ୍ଥାନୀୟ ବାସିନ୍ଦାଙ୍କ ସହ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା।

ପ୍ରିୟଙ୍କା ହୋଟେଲ ଛାଡ଼ିବା ବେଳେ ସେଠାକାର କର୍ମଚାରୀ ଓ ସ୍ଥାନୀୟ ଫ୍ୟାନ୍ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ବିଦାୟ ସମ୍ବର୍ଦ୍ଧନା ଜଣାଇଥିଲେ। ଚଳିତମାସ ୧୦ରୁ ଫିଲ୍ମର ଶୁଟିଂ ଚାଲିଥିବା ବେଳେ ଉଭୟ ପ୍ରିୟଙ୍କା ଓ ମହେଶଙ୍କୁ ଦେଖିବାକୁ ପ୍ରଶଂସକ ସେମିଳିଗୁଡ଼ା ଅଞ୍ଚଳରେ ଭିଡ଼ ପରିଲକ୍ଷିତ ହେଉଥିଲା। ତଳମାଳିରେ ଜିଲା ପ୍ରଶାସନ ପକ୍ଷରୁ କୋରାପୁଟ ଏସ୍‌ପି ରୋହିତ ବର୍ମା, ଜୟପୁର ଉପଜିଲାପାଳ ଆକବରମା ଶସ୍ୟା ରେଡ୍ଡୀ, ଅନ୍ୟ ଅଧିକାରୀ ଓ ସ୍ଥାନୀୟ ବିଧାୟକ ରାମଚନ୍ଦ୍ର କାଡ଼ାମ ନିର୍ଦ୍ଦେଶକ, ଅଭିନେତ୍ରୀ ଓ ଅଭିନେତାଙ୍କୁ ବିଦାୟ ଦେଇଥିଲେ। ନିର୍ଦ୍ଦେଶକ ରାଜାମୌଲୀ, ଅଭିନେତ୍ରୀ ପ୍ରିୟଙ୍କା କୋରାପୁଟର ଅପୂର୍ବ ସୌନ୍ଦର୍ଯ୍ୟ ଏବଂ ସ୍ଥାନୀୟ ବାସିନ୍ଦାଙ୍କ ଆଥୀତ୍ୟକୁ ଭୁଲି ହେବ ନାହିଁ ବୋଲି କହିଥିଲେ।

## ନୂତନ ବ୍ଲକ୍ ପ୍ରତିଷ୍ଠା ନେଇ ବିଧାନସଭାରେ ଜଣାଇଲେ ବିଧାୟକ

କୁନ୍ଦୁରା/ବୈପାରୀଗୁଡ଼ା,୧୯।୩
(ସନ୍ତୋଷ ପ୍ରହରାଜ/କଳ୍ପତରୁ ମହାନ୍ତି)

କୋରାପୁଟ ଜିଲା ବୈପାରୀଗୁଡ଼ା ସୀମାନ୍ତରେ ଥିବା ୯ ପଞ୍ଚାୟତକୁ ନେଇ ଏକ ସ୍ୱତନ୍ତ୍ର ବ୍ଲକ୍ ପ୍ରତିଷ୍ଠା କରିବା ନେଇ ବିଧାନସଭାରେ କୋଟପାଡ଼ ବିଧାୟକ ରୂପୁ ଭତ୍ରା ଦାବି ଉପସ୍ଥାପନା କରିଛନ୍ତି। ତେନ୍ତୁଳିଗୁମ୍ମା,ମାଝିଗୁଡା,ଦଣ୍ଡାବାଡ଼ି,ରାମଗିରି,ପେନ୍ଦାପଡା,ଗୁପ୍ତେଶ୍ୱରଙ୍କ ଧାମ ହଳଦୀକୁଣ୍ଡ,ବାଲିଗାଁ, କାଠପଡା ଓ ଚେରକା ଆଦି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ କରିବାରୁ ଅବହେଳିତ ରହୁଛି। କୋରାପୁଟ-ମାଲକାନଗିରି ସୀମାନ୍ତ ଅଞ୍ଚଳରେ ଥିବା ଜିଲାର କେତେକ ପଞ୍ଚାୟତ ବୈପାରୀଗୁଡ଼ା ବ୍ଲକ ସଦର ମହକୁମାରୁ ପ୍ରାୟ ୭୦ କି.ମି ଦୂରରେ ରହିଥିବାରୁ ଲୋକେ ସେମାନଙ୍କ ସମସ୍ୟା ସୁଧାରିବାରୁ ବଞ୍ଚିତ ରହିଛନ୍ତି। ଏହି


ବିଧାୟକ ରୂପୁ ଭତ୍ରା।

୯ ପଞ୍ଚାୟତ ସମ୍ପୂର୍ଣ୍ଣ ଭାବେ ମୌଳିକ ସୁବିଧାରୁ ବଞ୍ଚିତ ରହୁଥିବା ନେଇ ହୃଦବୋଧ କରିଥିବା କୋଟପାଡ଼ ବିଧାୟକ ଭତ୍ରା ବାଚସ୍ପତି ସୁରମା ପାଢ଼ୀଙ୍କୁ କହିଛନ୍ତି। ଏହି ପଞ୍ଚାୟତଗୁଡ଼ିକରେ ୫୦ ହଜାରରୁ ଊର୍ଦ୍ଧ୍ୱ ଲୋକ ବସବାସ କରୁଥିବା ବେଳେ ସେମାନେ ସେମାନଙ୍କ ଅଧିକାରରୁ ବଞ୍ଚିତ ରହିଛନ୍ତି। ବ୍ଲକ୍ ଗଠନ ପାଇଁ ରାଜ୍ୟ ଓ କେନ୍ଦ୍ରର ସହାଭାଗିତା ରହୁଥିବାରୁ ଉଭୟ ସରକାର ଏହି ଅଞ୍ଚଳର ଦୁଃଖ ବୁଝିବା ସହ ନୂତନ ବ୍ଲକ୍‌ର ମାନ୍ୟତା ଦେବେ ବୋଲି ବିଧାୟକ ଭତ୍ରା କହିଛନ୍ତି।

## ଗ୍ରୀଷ୍ମକାଳୀନ କ୍ରୀଡ଼ା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ



ନାଲ୍‌କୋ ଇଡି ଇଂ ନିରଞ୍ଜନ ସାମଲ ପ୍ରଦୀପ ପ୍ରଜ୍ୱଳନ କରି ଶିବିର ଉଦ୍‌ଘାଟନ କରୁଛନ୍ତି।

ଦାମନଯୋଡ଼ି,୧୯।୩(ମାନସ ରଞ୍ଜନ କର)

ଦାମନଯୋଡ଼ି ନାଲ୍‌କୋ ପରିଚାଳିତ ଦିଲ୍ଲୀ ପବ୍ଲିକ୍ ସ୍କୁଲ(ଡିପିଏସ୍)ରେ ଗ୍ରୀଷ୍ମକାଳୀନ କ୍ରୀଡ଼ା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ନାଲ୍‌କୋ ଇଡି ଇଂ ନିରଞ୍ଜନ ସାମଲ,ଜିଜିଏମ୍ ସୁଗୋତ ଆନନ୍ଦ ବସୁ,ଡିପିଏସ୍ ଅଧ୍ୟକ୍ଷା ସୁଜାତା ପାଣି ଓ ପ୍ରଧାନଶିକ୍ଷକ ଏସ.ଏସ.ଗିରିଧର, ଏସ୍‌ଭିଏମ୍‌ର ଶାରୀରିକ ଶିକ୍ଷା ଶିକ୍ଷକ ଡ. ରମେଶ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଓଡିଶାରୁ ଜାତୀୟ ତଥା ଅନ୍ତର୍ଜାତୀୟ କୋଚ୍ କ୍ରିକେଟର ଅସିତ ପଟ୍ଟନାୟକ,ଫୁଟବଲରେ ସଞ୍ଜୀବ ପାଟ୍ଟଶାଣୀ,ଆଥଲେଟିକ୍ସରେ ସଞ୍ଜୟ ପ୍ରଧାନ, ବ୍ୟାଡମିଣ୍ଟନରେ ଅଂଶୁମାନ ମହାଳିକ, ବାସ୍କେଟବଲରେ ଶିଶିର ପଟ୍ଟନାୟକ, ଟେବୁଲ ଟେନିସରେ ଦେବଦତ୍ତ ଦ୍ୱିବେଦୀ ଓ ଚେସ୍‌ରେ ଅବିନାଶ ଦାସ ପ୍ରମୁଖ ପ୍ରଶିକ୍ଷଣ ଦେଉଥିଲେ। ଏଥିରେ ୪ର୍ଥରୁ ୯ମ ଶ୍ରେଣୀ ପର୍ଯ୍ୟନ୍ତ ୧୨୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପ୍ରଶିକ୍ଷଣ ପରେ ଛାତ୍ରୀଛାତ୍ରମାନେ ରାଜ୍ୟ ତଥା ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ ବୋଲି ଡିପିଏସ୍ ପକ୍ଷରୁ କୁହାଯାଇଛି। ଶାରୀରିକ ଶିକ୍ଷା ଶିକ୍ଷକ ନବକିଶୋର ପଣ୍ଡା ଓ ଶିକ୍ଷୟିତ୍ରୀ ଅଞ୍ଜନା ମହାପାତ୍ର ତଦାରଖ କରୁଥିଲେ। ଏହି ଶିବିର ଚଳିତମାସ ୨୮ରେ ଉଦ୍‌ଯାପିତ ହେବା ନେଇ ସୂଚନା ମିଳିଛି।

## ଏସି ତମ୍ବା ପାଇପ ଚୋରି ମାମଲାରେ ୩ ଗିରଫ

ଜୟପୁର,୧୯।୩(ପବନ ପାଣିଗ୍ରାହୀ)

ଜୟପୁର ଟାଉନ ପୋଲିସ ଏସି ତମ୍ବା ପାଇପ ଚୋରି ମାମଲାରେ ୩ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ନୂଆଁସାହି ଭିଆଇପି ଲାଇନ୍‌ର ବାଦଲ ସ୍ୱାଇଁ, ଜାମବାଡସାହିର ସଚିନ କୁମାର ନାୟକ ଓ ପିଆରପେଟାର ଏ. ରବି। ଏଥିରେ ସମ୍ପୃକ୍ତ ୩ ନାବାଳକଙ୍କୁ ପୋଲିସ ଜୁଭେଲାଇନ୍ ଜଷ୍ଟିସ୍ ବୋର୍ଡ ନିକଟରେ ହାଜର କରିଛି। ସେମାନଙ୍କଠାରୁ ୧୫ କେଜି କଟିଂ ଏସି ପାଇପ ଓ ୮୦ଫୁଟ ତମ୍ବା ତାର ଜବତ ହୋଇଛି। ଏ ନେଇ ଜୟପୁର ମୁଖ୍ୟ ରାସ୍ତାରରେ ରହୁଥିବା ଡ. ଦୁର୍ଗାପ୍ରସାଦ ପାତ୍ର ଟାଉନ ଥାନାରେ ଅଭିଯୋଗ କରିଥିଲେ। ଦୁର୍ବୃତ୍ତମାନେ ମାର୍ଚ୍ଚ ୧୬ରେ ଏସିର ତମ୍ବା ତାର ଚୋରି କରିଥିଲେ। ୪ ସରକାରୀ ମହିଳା ସ୍ୱାସ୍ଥ୍ୟକର୍ମୀ ତାଲିମ କେନ୍ଦ୍ର ଓ ଗୋଟିଏ ତାଲିମ କେନ୍ଦ୍ରର ଅଧ୍ୟକ୍ଷ ସରସ୍ୱତୀ ବେହେରାଙ୍କ ଘରୁ ଓ ୩ଟି ଡାକ୍ତରଙ୍କ ଘରୁ ଚୋରି ହୋଇଥିଲା। ଏ ସମସ୍ତ ଚୋରି ସାମଗ୍ରୀ ପୁରୁଣା ତହସିଲ ଅଫିସରେ ରଖିଥିଲେ। କେସ୍ ନଂ. ୯୭/୨୫, ୧୦୪/୨୫, ୧୦୬/୨୫ରେ ୩ ମାମଲା ରୁଜୁ ହୋଇଥିଲା। ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଟାଉନ ଥାନା ଅଧିକାରୀ ଇଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି।

## ସରିଲା ମିଳିତ ତଦନ୍ତ, ରିପୋର୍ଟକୁ ଅପେକ୍ଷା

ସୁନାବେଡ଼ା/ସେମିଳିଗୁଡ଼ା,୧୯।୩
(କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

ଏସ୍ଏଚ୍‌ଜି ମହିଳାଙ୍କୁ ବୀମା ଲୋଭ ଦେଖାଇ ଠକିଥିବା ଘଟଣାର ମିଳିତ ତଦନ୍ତ ପ୍ରକ୍ରିୟା ଶେଷ ହୋଇଥିବା ବେଳେ ରିପୋର୍ଟ ଦାଖଲକୁ ସମସ୍ତଙ୍କ ଅପେକ୍ଷା। ପ୍ରଶାସନ ନୋଟିସ୍ ପରେ ସୁନାବେଡ଼ା ସିଡିପିଓ ନଳିନୀ ବେହେରା ସାଶ୍ୱତି ମହିଳା ମହାସଂଘ ଓ ଶାନ୍ତି ସ୍ୱୟଂ ସହାୟିକା

### ବୀମା ନାଁରେ ଠକେଇ ଘଟଣା

ଗୋଷ୍ଠୀର ସମ୍ପାଦିକା, ସଭାପତି ତଥା ମହିଳା ମହାସଂଘର ଉପଦେଷ୍ଟା/କୋଷାଧ୍ୟକ୍ଷ ଅଶ୍ୱିନୀ ପଟ୍ଟନାୟକଙ୍କୁ ସମସ୍ତ ଦସ୍ତାବିଜ ସହ ବୁଧବାର ହାଜର ହେବାକୁ ଚିଠି ନଂ ୩୦୫ରେ ନୋଟିସ୍ ଜାରି କରିଥିଲେ। ସୁନାବେଡା ଆଇସିଡିଏସ୍ ସଭାଗୃହରେ ସାଶ୍ୱତି ମହିଳା ମହାସଂଘର ସମ୍ପାଦକ,ସଭାପତି ଓ ଶାନ୍ତି ଏସ୍ଏଚ୍‌ଜିର ସଭାପତିଙ୍କ ସହ ଅନ୍ୟ ୬ ସଦସ୍ୟ ଏବଂ ଅଶ୍ୱିନୀ ଉପସ୍ଥିତ ହୋଇଥିଲେ। ପ୍ରଶାସନ ପକ୍ଷରୁ ଉଭୟ ପକ୍ଷଙ୍କ ଦସ୍ତାବିଜ ଯାଞ୍ଚ ଓ ନିରୀକ୍ଷଣ କରାଯାଇଥିଲା। ତଦନ୍ତ ପ୍ରକ୍ରିୟାରେ ସୁନାବେଡ଼ା ପୌର ପରିଷଦର ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ବି.ବିଭୁଦତ୍ତ ସାହୁ, ସିଡିପିଓ ବେହେରା,ବିପିସି କୁମ୍ଭେଶ୍ୱର ହିକକା ଓ ପୌର ପରିଷଦ ସିଇଓ ସଙ୍ଗିତା ସିଂ ପ୍ରମୁଖ ଉପସ୍ଥିତ ଥିଲେ। ତଦନ୍ତ ସମୟରେ କିଛି ଦସ୍ତାବିଜ ପାଇଁ ସାଶ୍ୱତି ମହିଳା ମହାସଂଘ ସମୟ ମାଗିଥିବା ଓ ଦିନେ ଦୁଇଦିନରେ ତଦନ୍ତ ରିପୋର୍ଟ ଦାଖଲ କରାଯିବ ବୋଲି ସିଡିପିଓ ବେହେରା ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, କିଛିଦିନ ପୂର୍ବରୁ ଶାନ୍ତି ଏସ୍ଏଚ୍‌ଜିର ସଦସ୍ୟମାନେ ମହିଳା ମହାସଂଘର ସଭାପତି ଅଶ୍ୱିନୀ ବୀମା ଲୋଭ ଦେଖାଇ ଠକେଇ କରିଥିବା ନେଇ କୋରାପୁଟ ଜିଲାପାଳଙ୍କୁ ଜଣାଇଥିଲେ।


ସଭାଗୃହରେ ସିଡିପିଓ ଏବଂ ଅନ୍ୟ ଅଧିକାରୀ ତଦନ୍ତ କରୁଛନ୍ତି।



## ସଂକ୍ଷେପରେ

### ଯାତ୍ରା ଦେଖିବାକୁ ଯାଇଥିବାବେଳେ ଘରୁ ଚୋରି

ଟିକିରି, ୧୯।୩(ପ୍ରଫୁଲ୍ଲ କୁମାର ବେହେରା)

ଟିକିରି ଥାନା ଅଧୀନ ଘାଟିଗୁଡ଼ା ଗ୍ରାମର ରମେଶ ମାଝୀ ନୀଳାବାଡ଼ି ଯାତ୍ରା ଦେଖିବାକୁ ମଙ୍ଗଳବାର ଯାଇଥିବାବେଳେ ଘରେ କେହି ନ ଥିବାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଚୋରି କରିଛନ୍ତି। ଘରୁ ନଗଦ ୩ ଲକ୍ଷ ୫୦ ହଜାର ଓ ୩ ତୋଳା ସୁନା ଚୋରି ହୋଇଥିବା ରମେଶ ଥାନାରେ ଅଭିଯୋଗ କରିଛନ୍ତି। ସୂଚନାନୁଯାୟୀ, ରମେଶ ଯାତ୍ରା ଦେଖିବାକୁ ନୀଳାବାଡ଼ି ଯାଇଥିଲେ। ଘରେ ତାଙ୍କ ଝିଅ ଥିଲେ। କିନ୍ତୁ ଝିଅ ତାଙ୍କ କାମରେ ବିଲକୁ ଯାଇଥିଲେ। ଏହାର ସୁଯୋଗ ନେଇ କେହି ଦୁର୍ବୃତ୍ତ ଘରେ ପଶି ଆଲମିରା ଭାଙ୍ଗି ଟଙ୍କା ଓ ସୁନା ଗହଣା ଚୋରି କରି ନେଇଥିଲେ। ଘଟଣା ସମ୍ପର୍କରେ ଅବଗତ ହେବାପରେ ଝିଅ ରମେଶଙ୍କୁ ଫୋନ୍ ଯୋଗେ ଜଣାଇଥିଲେ। ରମେଶ ପହଞ୍ଚି ଟିକିରି ଥାନାରେ ଅଭିଯୋଗ କରିବା ପରେ ପୋଲିସ ୪୫/୨୫ଏକ ମାମଲା ରୁଜୁ ତଦନ୍ତ କରିଛି।

### ଚେକ୍ ବାଉନ୍ସ ମାମଲାରେ ଜଣେ ଦୋଷୀ ସାବ୍ୟସ୍ତ

ଗୁଣପୁର, ୧୯।୩(ପ୍ରଦୀପ କୁମାର ପାଢ଼ୀ)

ରାୟଗଡା ଜିଲା ଗୁଣପୁର ଏସ୍‌ଡିଜେଏମ୍ ବିଜୟଲକ୍ଷ୍ମୀ ମହାପାତ୍ର ୨ ଚେକ୍ ବାଉନ୍ସ ମାମଲାର ବିଚାର କରି ରାୟ ଦେଇ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ପ୍ରକାଶ ଯେ, ଗୁଣପୁର ସହରରେ ଥିବା ବ୍ୟବସାୟୀ ଜି .ମାଣିକେଶ୍ୱର ରାଓ ତାଙ୍କ ଝିଅଙ୍କୁ ବିଦେଶରେ ପାଠ ପଢାଇବା ଓ ବ୍ୟବସାୟକୁ ଆଗକୁ ନେବା ପାଇଁ ବ୍ୟବସାୟୀ ଏଲ.ଭି ମୋହନ ରାଓଙ୍କଠାରୁ ୨୦୨୩ ଏପ୍ରିଲ୍‌ରେ ୧୨ଲକ୍ଷ ଟଙ୍କା ଋଣ ଆକାରରେ ନେଇଥିଲେ। ଏହି ଟଙ୍କା ନିର୍ଦ୍ଧାରିତ ସମୟରେ ପୈଠ କରି ନପାରି ପ୍ରତିବଦଳରେ ୧୨ ଲକ୍ଷ ଟଙ୍କାର ଚେକ୍ ଦେଇଥିଲେ। ମାଣିକେଶ୍ୱର ଦେଇଥିବା ଚେକ୍ ବ୍ୟାଙ୍କ୍‌ରେ ଦାଖଲ ପରେ ଜମା ଖାତାରେ ଅର୍ଥ ନ ଥିବା ଦର୍ଶାଇ ବ୍ୟାଙ୍କ ଚେକ୍ ଫେରସ୍ତ ଦେଇଥିଲେ। ବାରମ୍ବାର ଯୋଗାଯୋଗ ପରେ ମଧ୍ୟ ଅର୍ଥ ଫେରାଇ ନ ଥିଲେ। ଏହାପରେ ବାଧ୍ୟ ହୋଇ ଆବେଦନକାରୀ ଗୁଣପୁର ଏସ୍‌ଡିଜେଏମ୍ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମକଦ୍ଦମା ନମ୍ବର୍ ୱାନ ସିସି ୯/୨୪ର ବିଚାର କରି ଉଭୟ ପକ୍ଷଙ୍କଠାରୁ ଶୁଣାଣି ଦୋଷୀ ମାଣିକେଶ୍ୱର ଆବେଦନକାରୀ ମୋହନଙ୍କୁ ଉକ୍ତ ମୂଳ ଟଙ୍କା ୧୨ ଲକ୍ଷ ଶହ ସୁଧ ଓ କ୍ଷତିପୂରଣ ବାବଦକୁ ୬ ଲକ୍ଷ ଟଙ୍କା ମୋଟ ୧୮ ଲକ୍ଷ ଟଙ୍କା ପ୍ରଦାନ କରିବା ନେଇ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ୧ ବର୍ଷ ୬ ମାସ ଜେଲ ଦଣ୍ଡାଦେଶ ଦେଇଛନ୍ତି। ସେହିପରି ଅନ୍ୟ ଏକ ୱାନ ସିସି ମକଦ୍ଦମା ୧୦/୨୪ର ବିଚାର କରି ଦୋଷୀ ମାଣିକେଶ୍ୱର ରାଓଙ୍କୁ ଦୋଷୀ ସାବ୍ୟସ୍ତ କରି ପ୍ରତିପକ୍ଷ ଜି. କ୍ରିଷ୍ଣା ରାଓ ଚେକ୍ ଧନ ବାବଦକୁ ୩ ଲକ୍ଷ ଟଙ୍କା ଓ ସୁଧ ଓ କ୍ଷତିପୂରଣ ବାବଦକୁ ୧ ଲକ୍ଷ ୫୦ ହଜାର ଟଙ୍କା ମୋଟ ୪ ଲକ୍ଷ ୫୦ ହଜାର ଟଙ୍କା ପୈଠ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ବର୍ଷକ ପାଇଁ ଜେଲ ଦଣ୍ଡାଦେଶ ନିର୍ଦ୍ଦେଶ ଦେଇଛନ୍ତି। ଉଭୟ ମକଦ୍ଦମାରେ ଆବେଦନକାରୀଙ୍କ ପକ୍ଷରୁ ଓକିଲ ପ୍ରଦୀପ କୁମାର ଦାଶ ଏବଂ ତାଙ୍କ ସହଯୋଗୀ ପରିଚାଳନା କରିଥିବା ବେଳେ ଦୋଷୀ ବା ପ୍ରତିପକ୍ଷଙ୍କ ପକ୍ଷରୁ ଓକିଲ ଅଶୋକ କୁମାର ଧୂଳି ଓ ସହଯୋଗୀ ମକଦ୍ଦମା ପରିଚାଳନା କରିଥିଲେ।

# ମାଦକ ଦ୍ରବ୍ୟ ଚୋରା ଚାଲାଣ ରୋକିବା ଉପରେ ଜିଲାସ୍ତରୀୟ ବୈଠକ

ରାୟଗଡ଼ା, ୧୯।୩(ଆଶିଷ ରଞ୍ଜନ ପଣ୍ଡା)


ବୈଠକରେ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ଆଲୋଚନା କରୁଛନ୍ତି।

ରାୟଗଡ଼ା ଜଲାରେ ବ୍ୟାପକ ମାଦକ ଦ୍ରବ୍ୟ ଧରପଗଡ଼ ଓ ଚୋରାଚାଲାଣ ହେଉଥିବାରୁ ଏହାକୁ ରୋକିବା ନିମନ୍ତେ ଜିଲାପାଳ ପାରୁଲ ପଟାୱରୀଙ୍କ ଅଧ୍ୟକ୍ଷତାରେ ବୁଧବାର ସଦ୍‌ଭାବନା ସଭାଗୃହରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଆରକ୍ଷୀ ଅଧିକ୍ଷକ ସ୍ୱାଥୀ ଏସ୍ କୁମାର ଓ ବନଖଣ୍ଡ ଅଧିକାରୀ ଆନ୍ନାସାହେବ ଓହଲେଙ୍କ ଉପସ୍ଥିତରେ ଆଲୋଚନା କରାଯାଇଥିଲା। ଜିଲାରେ ଗଞ୍ଜେଇ ଚାଷକୁ ରୋକିବା, ନିଶା ଦ୍ରବ୍ୟ ଅବାଧ କାରବାର ସମ୍ପର୍କରେ ଗୁପ୍ତ ତଥ୍ୟ ପ୍ରଦାନ,ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ନିଶାନିବାରଣ ଉପରେ ସଚେତନତାକୁ ପ୍ରୋତ୍ସାହନ, ମାଦକ ଦ୍ରବ୍ୟ କାରବାର ଅଞ୍ଚଳରେ ନିଶା ଦ୍ରବ୍ୟ କ୍ଷତିକାରକ ବିଷୟରେ ଜନସଚେତନତା ସୃଷ୍ଟି, ସରକାରଙ୍କ ଉନ୍ନୟନ କାର୍ଯ୍ୟକ୍ରମ ଗୁଡିକ କାର୍ଯ୍ୟକାରୀ କରିବା ଓ ବିଶେଷକରି ଓଡିଶା ଜୀବିକା ମିଶନ କାର୍ଯ୍ୟକ୍ରମ ଜରିଆରେ ଏହି ଅଞ୍ଚଳର ଲୋକମାନଙ୍କୁ କର୍ମସଂସ୍ଥାନ ଯୋଗାଇବା ଉପରେ ଆଲୋଚନା ହୋଇଥିଲା। ଅବକାରୀ ବିଭାଗକୁ ସକ୍ରୀୟ ରହି ନିଶାଦ୍ରବ୍ୟ କାରବାର ରୋକିବା ନିମନ୍ତେ ପଦକ୍ଷେପ ନେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଅବକାରୀ ଅଧୀକ୍ଷକ ସୁଶାନ୍ତ କୁମାର ଧଳସାମନ୍ତ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଲାଲମୋହନ ରାଉତରାୟ, ଜିଲା କୃଷି ଅଧିକାରୀ ବିଷ୍ଣୁ ପ୍ରସାଦ କର, ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ଦେବରାଜ ନାୟକ, ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ଦୟାନିଧି ରାଉତ, ଜିଲା ମତ୍ସ୍ୟ ଅଧିକାରୀ ଜ୍ଞାନ ରଞ୍ଜନ ସେଠୀ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଭଜନଲାଲ ମାଝୀ, ଜିଲା ଦକ୍ଷତା ଓ କର୍ମ ନିୟୋଜନ ଅଧିକାରୀ ତତ୍ତ୍ୱମସୀ ମହାପାତ୍ର, ଜିଆରପି ଇନ୍ସପେକ୍ଟର, ରେଳ ବିଭାଗ ଓ ଅନ୍ୟାନ୍ୟ ଅଧିକାରୀ ଯୋଗଦା ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଆଉଟ୍‌ସୋର୍ସିଂ କର୍ମଚାରୀଙ୍କ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର


ଦାବିପତ୍ର ଦେବାକୁ ଆସିଥିବା ଆଉଟ୍‌ସୋର୍ସିଂ କର୍ମଚାରୀ।

ରାୟଗଡ଼ା, ୧୯।୩(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲାରେ ଆଉଟସୋର୍ସିଂ ଭାବେ କାର୍ଯ୍ୟ କରୁଥିବା କର୍ମଚାରୀମାନେ ୩ ଦଫା ଦାବି ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ବୁଧବାର ଜିଲାପାଳ ପାରୁଲ ପଟ୍ଟାୱରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। କାମ କରୁଥିବା ଆଉଟସୋର୍ସିଂ କର୍ମଚାରୀଙ୍କ ଅଭିଜ୍ଞତା, କଠିନ ପରିଶ୍ରମ ଓ କାର୍ଯ୍ୟ ଦକ୍ଷତା ଦେଖି ସମସ୍ତଙ୍କୁ ନିୟମିତ କରନ୍ତୁ, ବିଭିନ୍ନ ବିଭାଗରେ କାମ କରୁଥିବା ଛଟେଇ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି କରାଯିବା, ଗୃହ ବିଭାଗ ପକ୍ଷରୁ ୨୦୨୨ ଜୁଲାଇ ୭ ରେ ଚିଠି ନମ୍ବର୨୩୫୮୨କୁ ପ୍ରତ୍ୟାହାର କରାଯାଉ, ନିୟୋଜିତ କର୍ମଚାରୀଙ୍କୁ ସମାନ ନ୍ୟାୟ ଦିଆଯାଉ ବୋଲି ଦେଇଥିବା ଦାବିପତ୍ରରେ ଉଲ୍ଲେଖ ରହିଛି। ଏହି ସବୁ ଦାବି ପୂରଣ ପାଇଁ ବାରମ୍ବାର ଅନୁରୋଧ ପରେ ମଧ୍ୟ ତାହା ଆଜି ସୁଦ୍ଧା ପୂରଣ ହୋଇନାହିଁ। ତେଣୁ ଆସନ୍ତା ୨୬ ରୁ ଅନିର୍ଦ୍ଦିଷ୍ଟ କାଳ ଯାଏ ଭୁବନେଶ୍ୱର ଗାନ୍ଧି ମାର୍ଗରେ ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି। ଦାବିପତ୍ର ପ୍ରଦାନ ବେଳେ ସଭାପତି ସୁଶାନ୍ତ ପଟ୍ଟନାୟକ, ସମ୍ପାଦକ ଉପା ପାଣିଗ୍ରାହୀ,ଉମାକାନ୍ତ ମିଶ୍ର, ମିହିର ପଟ୍ଟନାୟକ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ବିଦ୍ୟୁତ୍ ଶର୍ଟସର୍କିଟରୁ ଜଳିଗଲା ୪ ଘର

ରାୟଗଡ଼ା, ୧୯।୩
(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡା ଜିଲା କଲ୍ୟାଣସିଂହପୁର ବ୍ଲକ ମାଝୀଗୁଡ଼ା ବ୍ୟାଙ୍କ୍ ସାହିରେ ବିଦ୍ୟୁତ୍ ଶର୍ଟସର୍କିଟରୁ ମଙ୍ଗଳବାର ରାତି



ପ୍ରାୟ ୧୧.୩୦ରେ ନିଆଁ ଲାଗି ୪ ଘର ଜଳିଯାଇଛି। କ୍ଷତିଗ୍ରସ୍ତ ପରିବାର ହେଲେ ଏସ୍.ଜୟରାମ, ଶିଳା କ୍ରିଷ୍ଟା, ବାରାଟାମ ଶ୍ରିନୁ ରାଓ ଏବଂ ବୋମି ରମେଶ। ପ୍ରକାଶ ଯେ, ରାତିରେ ଏହି ୪ ପରିବାର ଶୋଇଥିଲେ। ହଠାତ୍ ଘରେ ନିଆଁ ଲାଗି ୪ ଘର ଜଳିଗଲା। ତେବେ ଅଳ୍ପକେ ବଞ୍ଚିଗଲେ ପରିବାର ଲୋକ। ଘର ଭିତରେ ଥିବା ଟିଭି, ଖଟ, ଚାଉଳ, ମାଣ୍ଡିଆ, ବିରି, କପଡା ସହିତ ଲକ୍ଷାଧିକ ଟଙ୍କାର ଆସବାବପତ୍ର ନିଆଁରେ ପୋଡ଼ି ପାଉଁଶ ହୋଇଯାଇଛି। ଗାଁ ଲୋକେ ନିଆଁ ଲାଗିଥିବା ଦେଖି ଲିଭାଇବାକୁ ଉଦ୍ୟମ କରିବା ସହିତ ଅଗ୍ନିଶମ ବିଭାଗକୁ ଫୋନ କରି ସୂଚନା ଦେଇଥିଲେ। କଲ୍ୟାଣସିଂହପୁରଠାରୁ ଦମକଳବାହିନୀ ପହଞ୍ଚି ନିଆଁକୁ ଆୟତ କରିଥିଲା। ବୁଧବାର ତହସିଲଦାର ମାନସ ରଞ୍ଜନ ମାନସେଠ ସମେତ ପୋଲିସ ପହଞ୍ଚି ତଦନ୍ତ କରିଥିଲେ।

# କରଲାଘାଟିରେ ବିଡିଓଙ୍କ ଉନ୍ନୟନ କାର୍ଯ୍ୟ ସମୀକ୍ଷା


ଅନ୍ତ୍ୟୋଦୟ ଯୋଜନାରେ ଆବେଦନ ପତ୍ର ଯାଞ୍ଚ କରାଯାଉଛି।

ଗୁଡାରି, ୧୯।୩(ପ୍ରମୋଦ କୁମାର ପତି)

ଗୁଡାରି ବ୍ଲକ କରଲାଘାଟି ପଞ୍ଚାୟତର କରଲାଘାଟି, ସମ୍ବରଲେଣ୍ଡି ଓ କାଣ୍ଡାକୁଟି ଗ୍ରାମ ପରିଦର୍ଶନ କରି ବିଡିଓ ସୁଚିସ୍ମିତା ବେହେରା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମୀକ୍ଷା କରିଛନ୍ତି। କରଲାଘାଟି ପଞ୍ଚାୟତ କାର୍ଯ୍ୟାଳୟ ପରିଦର୍ଶନ କରିବା ସହ ମାସିକ ଯୋଗାଣ ସାମଗ୍ରୀ ବଣ୍ଟନ ଦେଖିଥିଲେ। ହିତାଧିକାରୀଙ୍କ ସହ ଯୋଗାଣ ସାମଗ୍ରୀ ସମ୍ପର୍କରେ ପଚାରି ବୁଝିଥିଲେ। ପରେ ସ୍ଥାନୀୟ ଆଶ୍ରମ ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ କରି ସ୍ୱଚ୍ଛତା, ପାନୀୟ ଜଳ, ରୋଷେଇ ଗୃହ, ଶୟନ କକ୍ଷ ବୁଲି ଦେଖିଥିଲେ। ଏଥିସହ ଶିକ୍ଷକ ଓ ପିଲାମାନଙ୍କ ସହ ଆଲୋଚନା କରିଥିଲେ। ୩ ଗ୍ରାମର ୭ ଜଣ ଦିବ୍ୟାଙ୍ଗଙ୍କୁ ଅନ୍ତୋଦୟ ଗୃହ ଯୋଜନାରେ ସାମିଲ ନେଇ ପୂର୍ବରୁ କରାଯାଇଥିବା ଆବେଦନ ପତ୍ରକୁ ଯାଞ୍ଚ କରିଥିଲେ। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ କନିଷ୍ଠ ଯନ୍ତ୍ରୀ, କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଏନ୍‌ଏସ୍‌ଏସ୍‌ର ସ୍ୱତନ୍ତ୍ର ସେବା ଶିବିର

ଗୁଣପୁର, ୧୯।୩(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ଜିଆଇଇଟି ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା(ଏନଏସ୍‌ଏସ୍)ର ୨ ଯଥା ୟୁନିଟ୍ ୧(ପୁରୁଷ)ଓ ୨(ମହିଳା) ପକ୍ଷରୁ ପୋଷ୍ୟ ଗ୍ରାମ ରେଗଡ଼ା ଓ ନରସିଂହମୁଣ୍ଡାରେ ସ୍ୱତନ୍ତ୍ର ସେବା ଶିବିର ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ରେଗଡ଼ା ସରପଞ୍ଚ ଜୁଗୁଲୁ ଶବର ଯୋଗଦେଇଥିଲେ। ସ୍ୱେଚ୍ଛାସେବୀମାନେ ଗ୍ରାମାଞ୍ଚଳର ଉନ୍ନତି ନେଇ ବିଭିନ୍ନ କୌଶଳ ମାଧ୍ୟମରେ ଗ୍ରାମାଞ୍ଚଳର ସମସ୍ୟାର ସମାଧାନ ପାଇଁ ଆଗକୁ ଆସିବାକୁ ପ୍ରବର୍ତ୍ତାଇ ଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ଡ.ଏ.ଭି.ଏନ୍.ଏଲ ଶର୍ମା ପରିବେଶ ସୁରକ୍ଷା, ଶିକ୍ଷା, ସ୍ୱାସ୍ଥ୍ୟ ଓ କୃଷିର ଉନ୍ନତି ନେଇ ସଚେତନତ କରିଥିଲେ। ୟୁନିଟ୍-୧ର କାର୍ଯ୍ୟକ୍ରମ ଅଧିକାରୀ ପ୍ରଫେସର ବାଣୀ ପ୍ରସାଦ ନାୟକ ୭ ଦିନରେ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମର ସୂଚନା ଦେଇଥିଲେ। ଅଧ୍ୟାପକ ପ୍ରମୋଦ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ। ଅଧ୍ୟାପକ ଡ଼ଃ ପ୍ରେମାନସୁ ଶେଖର ରଥ, ନୀତିଶ କୁମାର ଓ ଧୂମେଶ ମେହେର ପ୍ରମୁଖ ଉପସ୍ଥିତ ଥିଲେ। ୟୁନିଟ୍ ୨(ମହିଳା) ବିଭାଗର କାର୍ଯ୍ୟକ୍ରମ ଅଧିକାରୀ ଘନିଷ୍ଠା ପୃଷ୍ଟି ସ୍ୱାଗତ ଭାଷଣ ଓ ଅଧ୍ୟାପିକା ତାପଦୀପା ଘୋଷ ଧନ୍ୟବାଦ ଦେଇଥିଲେ। ଏଥିରେ ଅଧ୍ୟାପିକା ପ୍ରିୟଙ୍କା ପାତ୍ର ଓ ଜ୍ୟୋର୍ତିମୟ ବର୍ଗୱୀ ପ୍ରମୁଖ ଉପସ୍ଥିତ ଥିଲେ।

# ଦୁର୍ଘଟଣାରେ ମୃତ ଯୁବକଙ୍କ ଅଙ୍ଗଦାନ କଲେ ପରିବାର

ବିଷମକଟକ, ୧୯।୩
(ପ୍ରସନ୍ନ କୁମାର ପଣ୍ଡା)


ଚନ୍ଦ୍ରଶେଖର ନାୟକ।

ରାୟଗଡା ଜିଲା ବିଷମକଟକ ଥାନା ଡୁକୁମ୍ ଗାଁର ଯୁବକ ଚନ୍ଦ୍ରଶେଖର ନାୟକଙ୍କ ହୋଲି ଦିନ ଦୁର୍ଘଟଣା ଘଟିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଶିକାକୋଲମ ମେଡିକାଲକୁ ନିଆ ଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ବୁଧବାର ତାଙ୍କର ମୃତ୍ୟୁ ଘଟିଛି। ପରିବାର ଲୋକେ ଚନ୍ଦ୍ରଙ୍କ ଅଙ୍ଗଦାନ କରିବାକୁ ନିଷ୍ପତ୍ତି ନେଇଥିଲେ। ଅଙ୍ଗଦାନ ପରେ ଆନ୍ଧ୍ର ସରକାର ଶ୍ରୀକାକୁଲମ୍‌ଠାରେ ଗ୍ରୀନ୍ କରିଡର କରି ମୃତକଙ୍କୁ ଏୟାରଲିଫ୍ଟ ବ୍ୟବସ୍ଥା କରିଥିବା ଚନ୍ଦ୍ରଙ୍କ ସମ୍ପର୍କୀୟ ସୂଚନା ଦେଇଛନ୍ତି।

# ସିପିଆଇଏମ୍‌ଏଲ୍ ଲିବରେଶନର ମିଶ୍ରଣ ପର୍ବ


ସିପିଆଇଏମ୍‌ଏଲ୍ ଲିବରେଶନର ମିଶ୍ରଣ ପର୍ବରେ ଦଳୀୟ କର୍ମୀମାନେ।

ଗୁଡାରି, ୧୯।୩(ପ୍ରମୋଦ କୁମାର ପତି)

ସିପିଆଇ ଏମ୍‌ଏଲ ଲିବରେଶନ ଦଳର ଏକ ମିଶ୍ରଣ ପର୍ବ ଗୁଡାରୀ ବ୍ଲକ ଅଧୀନ ଶିରିଗୁଡ଼ା ପଞ୍ଚାୟତ ଭୁରୁକୁଣ୍ଡୁ ତାମ୍ପର ଗାଁରେ କରାଯାଇଛି। ଅନ୍ୟ ଦଳ କର୍ମୀମାନେ ଦଳଛାଡ଼ି ସିପିଆଇ (ଏମଏଲ) ଲିବରେସନ ରେ ଯୋଗ ଦେଇଛନ୍ତି। ଏହିମିଶ୍ରଣ ପର୍ବରେ ଦଳର ଜିଲା ସମ୍ପାଦକ ତ୍ରିପତି ଗମାଙ୍ଗ, ରାଜ୍ୟ କମିଟି ସଭ୍ୟ ବୃନ୍ଦାବନ ବିଡିକା ଉପସ୍ଥିତ ଥିଲେ। ଦୀର୍ଘ ବର୍ଷ ଧରି ଭୋଟ ନେଇ ଶାସନରେ ବସିଥିବା ଦଳ ସବୁ ଆଦିବାସୀମାନଙ୍କ ସହ ଅନ୍ୟାୟ କରୁଛନ୍ତି। ଏହା ବିରୋଧ କରି ସିପିଆଇ (ଏମ୍‌ଏଲ) ଲିବରେସନକୁ ଶକ୍ତିଶାଳୀ କରିବା ପାଇଁ ତାମ୍ପର ଗାଁର ମହିଳା, ପୁରୁଷ ଅଣ୍ଟା ଭିଡିଛନ୍ତି ବୋଲି ତ୍ରିପତି ଗମାଙ୍ଗ ସୂଚନା ଦେଇଛନ୍ତି। ଗାଁର ମୁକ୍ତା ଶବର, ଜେମା ଶବର, ବିମଳା ଶବର, ସଭାବତି ଶବର, ନାଇଡୁ ଶବର, ନାଗା ଶବର, ଋଷିଆ ଶବର, ଭୀମ ଶବର, ବଂଶୀ ଶବର, ଭାଗିରଥୀ ଶବର ଦଳରେ ମିଶିଛନ୍ତି। ବୃନ୍ଦାବନ ବିଡ଼ିକା ଧନ୍ୟବାଦ ଦେଇଛନ୍ତି।

# ପ୍ରକୃତି ସୁରକ୍ଷା ପଦଯାତ୍ରୀଙ୍କୁ ସ୍ୱାଗତ

ମୁକୁନ୍ଦପୁର, ୧୯।୩(ପୃଥ୍ୱୀରାଜ ମହାନ୍ତି)

ପ୍ରକୃତି ସୁରକ୍ଷା ଲାଗି ଆରମ୍ଭ ହୋଇଛି ସ୍ୱତନ୍ତ୍ର ପଦଯାତ୍ରା। ଜାତୀୟସ୍ତରର ସାମାଜିକ କର୍ମୀ ତଥା ଗାନ୍ଧିବାଦୀ ପ୍ରକୃତିରକ୍ଷକ ଚିତ୍ତରଞ୍ଜନ ଷଡ଼ଙ୍ଗୀଙ୍କ ନେତୃତ୍ୱରେ ମାଲକାନଗିରିରୁ ପଦଯାତ୍ରାରେ ବାହାରିଥିବା ଟିମ୍ ବୁଧବାର ରାୟଗଡା ଜିଲା ମୁକୁନ୍ଦପୁରରେ ପହଞ୍ଚି ଥିଲେ। ପଦଯାତ୍ରୀ ଦଳକୁ ମାନସ ଦାସଙ୍କ ନେତୃତ୍ୱରେ ଏସ୍‌ଏଚ୍‌ଜି ମହିଳାମାନେ ସ୍ୱାଗତ କରିଥିଲେ। ଗ୍ରାମର ସନ୍ତୋଷ ମହାପାତ୍ର, ରବୀନ୍ଦ୍ର ସାହୁ, ରବୀନ୍ଦ୍ର ନାୟକ, ଇପିଲି ପ୍ରସାଦ, ସୋମନାଥ ପାତ୍ର, ଅଜୟ ମାନ୍ଦାଙ୍ଗୀ, ମନରମା ଆରୁଗୁଲା, ଗିତାଶ୍ରୀ ମହାପାତ୍ର, ପ୍ରକାଶ ନିଶାଲ, ହରି ଦାସ, ଅଜିତ ଗୌଡ଼, ଜି.ସୁଦର୍ଶନ ଏହି ସମୟରେ ଉପସ୍ଥିତ ଥିଲେ। ପ୍ରକାଶ ଯେ ୧ ତାରିଖରୁ ମାଲକାନଗିରିରୁ ପଦଯାତ୍ରା ଆରମ୍ଭ କରାଯାଇଛି। ସାମାଜିକ କର୍ମୀ ବଳରାମ ପଣ୍ଡା, ରବୀନ୍ଦ୍ରନାଥ ଥାଟୋଇ, ସ୍ମୃତିଶେଖର ସାହୁ, ନେହାଲ ଗାନ୍ଧୀ, ଜଗଦିଶ ଚାଣ୍ଡକ, ସନ୍ଦୀପ ଚାଟେ, ସାଇକ୍ରିଷ୍ଟା, ସୂର୍ଯ୍ୟ ପ୍ରଧାନଙ୍କ ସହ ପ୍ରକୃତି ସଂରକ୍ଷକ ଆଦିବାସୀ ଯୁବତୀ ଯୁବକ ଏହି ପଦଯାତ୍ରାରେ ସାମିଲ ହୋଇଛନ୍ତି। ପରିବେଶ ସୁରକ୍ଷା ସଚେତନ ବାର୍ତ୍ତା ନେଇ ପ୍ରତିଦିନ ୧୫କିଲୋମିଟର ଯାତ୍ରା କରାଯାଉଛି। ଏହି ଯାତ୍ରା ଏପ୍ରିଲ ୧୨ରେ ପୁରୀରେ ପହଞ୍ଚିବ। ସେଠାରେ ୧୪ତାରିଖରେ ଜାତୀୟ ସମ୍ମିଳନୀ କରାଯିବ।


ମୁକୁନ୍ଦପୁରରେ ପହଞ୍ଚିଥିବା ପଦଯାତ୍ରା ଦଳ।

# ଗୋଟିଏ ନମ୍ବରରେ ଦୁଇଜଣଙ୍କ ପଞ୍ଜୀକରଣ

ରାୟଗଡ଼ା, ୧୯।୩(ଆଶିଷ ରଞ୍ଜନ ପଣ୍ଡା)

- ଓଡ଼ିଶା ବୃତ୍ତି ସେବା ପଞ୍ଜୀକରଣରେ ଜାଲିଆତି ମାମଲା
- ଜଣେ କନଷ୍ଟେବଲ ଭାବେ କାର୍ଯ୍ୟରତ

ସରକାରୀ ଚାକିରି ଆବେଦନ କରିବାକୁ ହେଲେ ଓଡ଼ିଶା ବୃତ୍ତି ସେବା ବିଭାଗରେ ନାମ ପଞ୍ଜୀକରଣ କରିବାକୁ ପଡ଼ିଥାଏ। ତେବେ ବୃତ୍ତି ବିଭାଗର ଏକ ପଞ୍ଜୀକରଣରେ ଜାଲିଆତି ଦୃଷ୍ଟିକୁ ଆସିଛି। ଏନେଇ ଜଣେ ଯୁବକ ୨୦୨୩ରେ ତତ୍କାଳୀନ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଥିଲେ ହେଁ ଅଦ୍ୟାବଧି ଏହାର କୌଣସି ସମାଧାନ ହୋଇନାହିଁ। ଅନ୍ୟପଟେ ଏହି ଘଟଣାର ତଦନ୍ତ କରି ଜିଲା ନିୟୋଜନ ଅଧିକାରୀ ତତ୍ତ୍ୱମସି ମହାପାତ୍ର ପୋଲିସକୁ ସନ୍ଦେହଜନକ ଦର୍ଶାଇ ଏକ ଲିଖିତ ଅଭିଯୋଗ କରିଛନ୍ତି।

ଘଟଣାର ତଦନ୍ତ କରି ରାୟଗଡ଼ା ଟାଉନ ଥାନା ପୋଲିସ ଜିଲା ନିୟୋଜନ ବିଭାଗରେ ଉକ୍ତ ସମୟରେ ଆଉଟସୋର୍ସିଂରେ କାର୍ଯ୍ୟରତ ଡାଟାଏଣ୍ଟ୍ରି ଅପରେଟର ରାଜେନ୍ଦ୍ର ଗୌଡ଼ଙ୍କୁ ଅଟକ ପରେ ପୋଲିସ ଛାଡି ଦେଇଥିବା ଏବଂ ତଦନ୍ତ ଚାଲିଥିବା ନେଇ ଆଇଆଇସି କେକେବିକେ କହିଁର ସୂଚନା ଦେଇଚନ୍ତି। ତେବେ ଏହି ପଞ୍ଜୀକରଣରେ ଥିବା ଦୁଇ ଯୁବକଙ୍କ ମଧ୍ୟରୁ ଜଣେ ଓଡ଼ିଶା ପୋଲିସରେ କନଷ୍ଟେବଲ ଭାବେ ରାୟଗଡ଼ା ଜିଲାରେ କାର୍ଯ୍ୟରତ ଥିବା ଘଟଣା ଦୃଷ୍ଟିକୁ ଆସିଛି।

ପ୍ରକାଶ ଯେ, ଗୁଣପୁରର ଜଣେ ଯୁବକ ବି.ହରି ପ୍ରସାଦ ୨୦୨୨ ଅକ୍ଟୋବର ୨୮ରେ ବୃତ୍ତି ବିଭାଗରେ ନିଜ ନାମ ପଞ୍ଜୀକରଣ କରି ରେଜିଷ୍ଟ୍ରେସନ ନମ୍ବର ଓଡି ୭୭୧୨୦୨୨୧୪୦୩ରେ କାର୍ଡ଼ ପାଇଥିଲେ। ତେବେ ପରବର୍ତ୍ତୀ ସମୟରେ ଉକ୍ତ ନମ୍ବରରେ ଆଉ ଜଣେ ଯୁବକ ଭି.ସାଇ କିରଣଙ୍କ ନାଁ ରହିଥିବା ସେ ଜାଣିବାକୁ ପାଇଥିଲେ। ଏନେଇ ସେ ଜିଲା ନିୟୋଜନ ବିଭାଗ ଓ ପୋଲିସରେ ଅଭିଯୋଗ କରିଥିଲେ। ହରି ପ୍ରସାଦଙ୍କ କହିବାନୁସାରେ ଭି.ସାଇ କିରଣ ତାଙ୍କୁ ଫୋନ୍ କରି କହିଥିଲେ, ଉକ୍ତ ପଞ୍ଜୀକରଣ ନମ୍ବର ଉଭୟଙ୍କୁ ମିଳିଛି। ଯେଉଁଥିରେ ହରିଙ୍କ ମନରେ ସନ୍ଦେହ ହୋଇଥିଲା। ସେ ଅଭିଯୋଗ କରିଥିଲେ। ଏହି ମାମଲାରେ ଭି.ସାଇକିରଣଙ୍କୁ ପଚାରିବାରୁ ଏହି ଘଟଣାର ତଦନ୍ତ ଚାଲିଛି। ବିଭାଗୀୟ ଉପରିସ୍ଥ ଅଧିକାରୀ କୌଣସି ମନ୍ତବ୍ୟ ଦେବାକୁ ମନା କରିଥିବା କହି କଥାକୁ ଟାଳି ଦେଇଥିଲେ। ଅନ୍ୟପଟେ ଏହି ମାମଲାରେ ପୋଲିସ ଅଟକ ପରେ ଛାଡି ଦେଇଥିବା ରାଜେନ୍ଦ୍ର କହିଛନ୍ତି, ସାଇକିରଣ ଅବା ତାଙ୍କର କେହି ସମ୍ପର୍କୀୟ ତାଙ୍କ ସହିତ ଯୋଗାଯୋଗ କରି ନାମ ଓ ଡକ୍ୟୁମେଣ୍ଟ ପରିବର୍ତ୍ତନ କରିବାକୁ କହିଥିଲେ। ତେବେ ଏକଥାକୁ ଖଣ୍ଡନ କରିଛନ୍ତି କନେଷ୍ଟବଲ ସାଇକିରଣ। ସେ କହିଛନ୍ତି, ତାଙ୍କୁ ଏହି ପଞ୍ଜୀକରଣ ନମ୍ବର ମିଳିଥିଲା। ଏ ମାମଲାରେ ଜିଲା ନିୟୋଜନ ଅଧିକାରୀ ତତ୍ତ୍ୱମସି ମହାପାତ୍ରଙ୍କୁ ପଚାରିବାରୁ ପୋଲିସ କନଷ୍ଟେବଲ ନିଯୁକ୍ତି ସମୟରେ ଆବେଦନକାରୀଙ୍କ ପଞ୍ଜୀକରଣ ନମ୍ବର ଓ ତଥ୍ୟ ଯାଞ୍ଚ ପାଇଁ ପୋଲିସ ବିଭାଗରୁ ନିର୍ଦ୍ଦେଶ ଆସିଥିଲା। ଯାହାର ସେ ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ଏଥିରେ ଜାଲିଆତି ହୋଇଥିବା ସନ୍ଦେହରେ ସେ ପୋଲିସକୁ ସୂଚନା ଦେଇଥିଲେ। ଉଭୟ ହରି ପ୍ରସାଦ ଓ ସାଇକିରଣଙ୍କ ପାଖରେ ଅନ୍‌ଲାଇନ୍ ଆବେଦନ ପରେ ବାହାରିଥିବା ପଞ୍ଜୀକରଣ କାର୍ଡ଼କୁ ଦେଖିଲେ ହରି ପଞ୍ଜୀକରଣ କରିଥିବା ଦିନ ହିଁ ତାଙ୍କର ସିନିୟରିଟି କାର୍ଡ଼ରେ ଉଲେଖ ରହିଥିବା ବେଳେ ସାଇକିରଣଙ୍କ କାର୍ଡ଼ରେ କିନ୍ତୁ ସିନିୟରିଟି ତାରିଖ ଭିନ୍ନ ରହିଛି। ବର୍ତ୍ତମାନ ଏହି ଘଟଣା ପୋଲିସର ତଦନ୍ତ ପରିସରରେ ରହିଛି। ହରି ପ୍ରସାଦଙ୍କ ସିନିୟରିଟି ତାରିଖ ୨୦୨୨ ଅକ୍ଟୋବର ୨୮ ଥିବା ବେଳେ ସାଇକିରଣଙ୍କ କାର୍ଡ଼ରେ ସିନିୟରିଟି ତାରିଖ ୨୦୨୩ ଜାନୁଆରି ୧୯ ରହିଛି।

# ରାୟଗଡ଼ା ଜିଲା ଶାଖାସ୍ତରୀୟ ସମ୍ମିଳନୀ, କର୍ମକର୍ତ୍ତା ଚୟନ

ଗୁଣପୁର, ୧୯।୩(ପ୍ରଦୀପ କୁମାର ପାଢ଼ୀ)

ଅଲ୍ ଓଡିଶା ଇପିଏଫ୍ ପେନସନର୍ ଆସୋସିଏଶନ ରାୟଗଡ଼ା ଜିଲା ଶାଖାସ୍ତରୀୟ ସମ୍ମିଳନୀ ଗୁଣପୁର ଶ୍ରୀ ଜଗନ୍ନାଥ ମନ୍ଦିରର ବୈଠକ ପ୍ରକୋଷ୍ଠରେ ଜିଲା ସଭାପତି ପ୍ରଶାନ୍ତ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସର୍ବ ଭାରତୀୟ ସଙ୍ଗଠନ ଉପ ସଭାପତି ତଥା ରାଜ୍ୟ ସାଧାରଣ ସମ୍ପାଦକ ଭାଗ୍ୟଧର ବ୍ରହ୍ମା ମୁଖ୍ୟ ଅତିଥି, ରାୟଗଡ଼ା, ନବରଙ୍ଗପୁ ଓ କୋରାପୁଟ ଜିଲାପ୍ରଭାରୀ ତଥା ରାଜ୍ୟ ସଂଘ କୋଷାଧ୍ୟକ୍ଷ କୃଷ୍ଣ ଚନ୍ଦ୍ର ସାହୁ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଏଥି ସହ କୋରାପୁଟ ଜିଲା ସଭାପତି ନଳିନୀକାନ୍ତ ରଥ, ନବରଙ୍ଗପୁର ଜିଲା ସମ୍ପାଦକ ଲକ୍ଷ୍ମଣ ପାଇକ, ମାଲକାନଗିରି ଜିଲା ସମ୍ପାଦକ ଏନ୍.ଦିବାକର ଓ ଗଜପତି ଜିଲାର ବରିଷ୍ଠ ସଭ୍ୟ ଦୋରା ବାବୁ ନିମନ୍ତ୍ରିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସଂଘ ବରିଷ୍ଠ ନେତା ଅନନ୍ତ ଚରଣ ପଣ୍ଡା ସଙ୍ଗଠନର ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଭାଗ୍ୟଧର ବ୍ରହ୍ମା, ଅବସରପ୍ରାପ୍ତ ଇପିଏଫ୍ କର୍ମଚାରୀଙ୍କ ମାସିକ ସର୍ବନିମ୍ନ ପେନସନ ଏକ ହଜାର ଥିଲା ବେଳେ, କର୍ମଚାରୀମାନେ ୭ରୁ ୮ ଶହ ଟଙ୍କା ପର୍ଯ୍ୟନ୍ତ ପାଉଥିବାରୁ କ୍ଷୋଭ ପ୍ରକାଶ କରିଥିଲେ। କେନ୍ଦ୍ର ସରକାରୀ କର୍ମଚାରୀମାନେ ମାସିକ ସର୍ବ ନିମ୍ନପେନସନ ୯ ହଜାର ଟଙ୍କା ସହ ମହଙ୍ଗା ଭତ୍ତା ପାଉଛନ୍ତି।

ସେହିପରି ସମାନ ଭାବେ କାର୍ଯ୍ୟକରି ଅବସର ନେଇଥିବା ଆମ କର୍ମଚାରୀମାନଙ୍କୁ ମାସିକ ସର୍ବ ନିମ୍ନ ପେନସନ ୯ ହଜାର ସହ ମହଙ୍ଗା ଭତ୍ତା ପ୍ରଦାନ କରିବା ଲାଗି ଦୀର୍ଘ ବର୍ଷ ଧରି ଦେଶ ତମାମ ପ୍ରତ୍ୟେକ ରାଜ୍ୟର ଇପିଏଫ୍ କର୍ମଚାରୀ ସଂଘ ବହୁବାର ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ ସହ ରାଜଧାନୀ ଦିଲ୍ଲୀରେ ମଧ୍ୟ ବହୁବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଅଛି। ତଥାପି ଦାବୀଗୁଡ଼ିକ ପୂରଣ ହୋଇପାରି ନାହିଁ। ଅବସରପ୍ରାପ୍ତ କର୍ମଚାରୀଙ୍କୁ ଖାଦ୍ୟ ସୁରକ୍ଷା ଓ ଗୋପବନ୍ଧୁ ଆରୋଗ୍ୟ ଯୋଜନାରେ ସାମିଲ ପାଇଁ ରାଜ୍ୟ ସରକାରଙ୍କ ନିକଟରେ ଦାବୀ ଉପସ୍ଥାପନ କରାଯାଇଛି। ଉପରୋକ୍ତ ନ୍ୟାୟ ସଙ୍ଗତ ଦାବୀ ଗୁଡ଼ିକୁ କେନ୍ଦ୍ର ଓ ରାଜ୍ୟ ସରକାର ଦାବୀ ପୁରଣ କରିବା ଦିଗରେ ଖିଲାପ କଲେ କର୍ମଚାରୀମାନେ ଦାବୀପୂରଣ ହେବା ପର୍ଯ୍ୟନ୍ତ ଆନ୍ଦୋଳନାତ୍ମକ କାର୍ଯ୍ୟପନ୍ଥା ଗ୍ରହଣ କରିବେ। ଏପରିକି ଦେଶ ସାରା କର୍ମଚାରୀମାନେ ନିଜ ପରିବାର ସହ ରାଜ ରାସ୍ତାରେ ଓହ୍ଲାଇବେ ବୋଲି ବ୍ରହ୍ମା ଚେତାବନୀ ଦେଇଛନ୍ତି।

ଜିଲା ସଭାପତି ପ୍ରଶାନ୍ତ କୁମାର ପଟ୍ଟନାୟକ, ସମ୍ପାଦକ ଫକୀରମୋହନ ନାୟକ ଓ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅନନ୍ତ ଚରଣ ପଣ୍ଡା ଉପସ୍ଥିତ ସମସ୍ତ ସଭ୍ୟ, ଜିଲା ସମ୍ପାଦକ ଜଗଦୀଶ ଚନ୍ଦ୍ର ତୁଲଙ୍କ ଜିଲାରେ ସମାନ୍ତରାଳ ସଂଘ ଗଠନର ପରିକଳ୍ପନା ଓ ବିରୋଧୀ କାର୍ଯ୍ୟକ୍ରମକୁ ତୀବ୍ର



କାର୍ଯ୍ୟକ୍ରମରେ ଉପସ୍ଥିତ ବରିଷ୍ଠ କର୍ମକର୍ତ୍ତା।

### ଅଲ୍ ଓଡିଶା ଇପିଏଫ୍ ପେନସନର ଆସୋସିଏଶନ ବୈଠକ

ନିନ୍ଦା ସହ ତାଙ୍କୁ ସର୍ବସମ୍ମତି କ୍ରମେ ବହିଷ୍କାର କରାଯାଇଥିଲା। ବୈଠକରେ ଜିଲାର ଉଠାଜଳସେଚନ କର୍ମଚାରୀ, ବଡନାଳ ଡିଭିଜନ କର୍ମଚାରୀ, ଆର୍‌ଏମ୍‌ସି, ସିଭିଲ୍ ସପ୍ଲାଏ, ବନ ନିଗମ ଓ ରାଜ୍ୟ ସଡ଼କ ପରିବହନ ନିଗମର କର୍ମଚାରୀ ଯୋଗ ଦେଇଥିଲେ।

ଆଗାମୀ ୩ ବର୍ଷ ପାଇଁ ଜିଲା ସଂଘ କର୍ମକର୍ତ୍ତା ନିର୍ବାଚିତ ହୋଇଥିଲେ। ଉପଦେଷ୍ଟା ଅନନ୍ତ ଚରଣ ପଣ୍ଡା, ସଭାପତି ପ୍ରଶାନ୍ତ କୁମାର ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ସୁରେନ୍ଦ୍ର ପଣ୍ଡା, ଉପସଭାପତି ସୁବାସ ଚନ୍ଦ୍ର ରଥ, ସମ୍ପାଦକ ଫକୀରମୋହନ ନାୟକ, ସହ ସମ୍ପାଦକ ବିଜୟ ମହାନ୍ତି, ଅଫିସ୍ ସମ୍ପାଦକ ଶରତ ଚନ୍ଦ୍ର ପଣ୍ଡା, କୋଷାଧ୍ୟକ୍ଷ ଗୋପୀନାଥ ଦୋରା ଏବଂ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ୧୫ ଜଣ ନିର୍ବାଚିତ ହୋଇଥିଲେ। ଶେଷରେ ସଂଘ ଉପଦେଷ୍ଟା ଅନନ୍ତ ଚରଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ସଂଘର ନବ ନୀର୍ବାଚିତ ସମ୍ପାଦକ ଫକୀରମୋହନ ନାୟକ ସଭା ପରିଚାଳନା କରିଥିଲେ।

# ପୀଡ଼ିତାଙ୍କ ପରିବାରକୁ ପୃଥକ୍‌ଭାବେ ଭେଟିଲେ କଂଗ୍ରେସର ୨ ଟିମ୍

■ ନାବାଳିକା ଗଣବଳାତ୍କାର ଘଟଣା
■ ଜିଲା କଂଗ୍ରେସରେ କନ୍ଦଳ ଚର୍ଚ୍ଚା

ଉମରକୋଟ, ୧୯।୩(ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ ଥାନା ଅଞ୍ଚଳରେ ଗତ ହୋଲିରେ ନାବାଳିକାଙ୍କୁ ଗଣ ବଳାତ୍କାର ପୀଡ଼ିତାଙ୍କୁ କଂଗ୍ରେସ ନେତାମାନେ ଭେଟିଛନ୍ତି। କଂଗ୍ରେସ ଦଳ ନେତାମାନେ ୨ଟି ଟିମ୍‌ରେ ଅଲଗା ଅଲଗା ଯାଇ ପୀଡ଼ିତା ଓ ତାଙ୍କ ପରିବାରକୁ ଭେଟି ସମବେଦନା ଜଣାଇବା ସହ ସହାୟତା ଯୋଗାଇବାକୁ ଦାବି କରିଛନ୍ତି। ଜିଲା କଂଗ୍ରେସ ପୂର୍ବତନ ସଭାପତି ମୁନା ତ୍ରିପାଠୀ ଓ ବର୍ତ୍ତମାନର ସଭାପତି ଭୁଜବଳ ମାଝି କ'ଣ ପାଇଁ ଅଲଗା ଅଲଗା ହୋଇ ପୀଡ଼ିତାଙ୍କୁ ଭେଟିବାକୁ ଗଲେ ତାହାକୁ ନେଇ ଚର୍ଚ୍ଚା ହେଉଛି। ଦଳରେ ଗୋଷ୍ଠୀ କନ୍ଦଳ ଥିବା ନେଇ ଏବେ ନବରଙ୍ଗପୁର ଜିଲାରେ ଚର୍ଚ୍ଚା ବଢୁଛି।

ସୂଚନାନୁଯାୟୀ, ବୁଧବାର ଓଡ଼ିଶା ପ୍ରଦେଶ କଂଗ୍ରେସ ପ୍ରଭାରୀ ଅଜୟ କୁମାର ଲୁଲ୍ଲୁ, ପିସିସି ସଭାପତି ଭକ୍ତ ଚରଣ ଦାସ ଓ ବରିଷ୍ଠ କଂଗ୍ରେସ ନେତା ନବଜ୍ୟୋତି ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଏଆଇସିସି ସଦସ୍ୟା ତଥା ଆନ୍ଧ୍ରର କଂଗ୍ରେସ ପ୍ରଭାରୀ ତଥା ଜାତୀୟ ଛାତ୍ର କଂଗ୍ରେସ ସମ୍ପାଦିକା ମନସା ତ୍ରିପାଠୀ, ପୂର୍ବତନ ପ୍ରଦେଶ କଂଗ୍ରେସ କମିଟି ଉପସଭାପତି ମୁନା ତ୍ରିପାଠୀ, ସାମାଜିକ କର୍ମୀ କାଦମ୍ବିନୀ ତ୍ରିପାଠୀ, ପିସିସି ସଭ୍ୟ ମୁନା ପାଢ଼ୀ, ସନ୍ତୁଳା ଦୁରିଆ ଓ ଯୁବନେତା ଅମିତ ଶାହା ଉମରକୋଟ ଥାନାକୁ ଯାଇ କେସ୍‌ର ଅଗ୍ରଗତି ଉପରେ ପୋଲିସ ସହ ଆଲୋଚନା କରିଥିଲେ। ପରେ ପୀଡ଼ିତା ଓ ତାଙ୍କ ପରିବାରକୁ ଭେଟିବାକୁ ଯାଇଥିଲେ। ପିସିସି ସଭାପତି ଭକ୍ତ ଦାସ ପୀଡ଼ିତାଙ୍କ ସହ ଭିଡିଓ କଲ୍‌ରେ ମଧ୍ୟ କଥା ହୋଇ ନ୍ୟାୟ ପ୍ରଦାନ ପାଇଁ କଂଗ୍ରେସ ଚେଷ୍ଟା କରିବେ ବୋଲି ଆଶ୍ୱାସନା ଦେଇଛନ୍ତି। ପୀଡ଼ିତାଙ୍କୁ ଦଳ ପକ୍ଷରୁ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। କାଦମ୍ବିନୀ ତ୍ରିପାଠୀ ପୀଡ଼ିତାଙ୍କୁ ନ୍ୟାୟ ମିଳିବା ନେଇ ଆଶ୍ୱାସନା ଦେବା ସହ ରାଜ୍ୟ ସରକାର ତୁରନ୍ତ ୨୦ ଲକ୍ଷ ଟଙ୍କା ପ୍ରଦାନ କରନ୍ତୁ ବୋଲି ଦାବି କରିଥିଲେ।

ଏହାପରେ କଂଗ୍ରେସର ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ଟିମ୍‌ର ଜିଲା ପରିଷଦ ସଭ୍ୟା ଡା. ଲିପିକା ମାଝୀ, ଜିଲା କଂଗ୍ରେସ ସଭାପତି ତଥା ପୂର୍ବତନ ବିଧାୟକ ଭୁଜବଳ ମାଝି, କଂଗ୍ରେସ ନେତା ସନରାଜ ଗଣ୍ଡ ମଧ୍ୟ ଘରକୁ ପୀଡ଼ିତା ଓ ତାଙ୍କ ପରିବାରକୁ ଭେଟିଥିଲେ। ସେମାନେ ମଧ୍ୟ ୧୦ ହଜାର ଟଙ୍କା ସହାୟତା ପ୍ରଦାନ କରିଥିଲେ। ପରେ ଏହି ଟିମ୍ ଉମରକୋଟ କଂଗ୍ରେସ କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀ କରିଥିଲେ। ରାଜ୍ୟରେ ନାରୀମାନଙ୍କ ପ୍ରତି ହିଂସା ବଢିବାରେ ଲାଗିଛି। ନାରୀଙ୍କୁ ଉପଯୁକ୍ତ ସମ୍ମାନ ମିଳୁନାହିଁ। ଘଟଣାର ପୁନରାବୃତ୍ତି ଯେପରି ନ ହୁଏ ସେ ଦିଗରେ ସରକାର ପଦକ୍ଷେପ ନିଅନ୍ତୁ ବୋଲି ଦାବି କରିଥିଲେ। ଖବରଦଦାତା ସମ୍ମିଳନୀରେ ଅନ୍ନାମ ଦିଆନ, ପାପଡ଼ାହାଣ୍ଡି ବ୍ଲକ୍ ସଭାପତି ଶ୍ରୀକାନ୍ତ ମିଶ୍ର, ରାଇଘର ବ୍ଲକ କଂଗ୍ରେସ ସଭାପତି ସୁନ୍ଦର ସିଂ ଗଣ୍ଡ, ଉମରକୋଟ ବ୍ଲକ ଯୁବ କଂଗ୍ରେସ ସଭାପତି ଅଜୟ ଚୌହାନ, ଜିଲା କଂଗ୍ରେସ ଉପସଭାପତି ବାବୁଲା ପଟ୍ଟନାୟକ, ଉମରକୋଟ ଟାଉନ ସଭାପତି ଗୁଲୁ ସାହୁ, ତେନ୍ତୁଳିଖୁଣ୍ଟି ବ୍ଲକ୍ ସଭାପତି ବୃନ୍ଦାବନ ତ୍ରିପାଠୀ, ବରିଷ୍ଠ ଆଇନଜୀବୀ ଶଙ୍କର ଦେ, ଅମୂଲ୍ୟ ପଟ୍ଟନାୟକ, ପର୍ଶୁ ନାୟକ, ଏସ୍. ବିଜୟ, ପିଙ୍କୁ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ପୀଡ଼ିତାଙ୍କ ପରିବାରକୁ ଅଲଗା ଅଲଗା ଭେଟିବା ଓ ଦଳରେ କନ୍ଦଳ ସମ୍ପର୍କରେ ନବରଙ୍ଗପୁର ଜିଲା କଂଗ୍ରେସ ସଭାପତି ଭୁଜବଳ ମାଝିଙ୍କୁ ପଚାରିବାରୁ ଏଆଇସିସିର ନିର୍ଦ୍ଦେଶରେ ଜିଲା କଂଗ୍ରେସ କମିଟି ଓ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ସଦସ୍ୟ ମିଳିତ ଭାବେ ପୀଡ଼ିତାଙ୍କ ପରିବାରକୁ ଭେଟିବାକୁ ଯାଇଥିଲେ। ମୁନା ତ୍ରିପାଠୀ ଓ ମୋ ଭିତରେ କିଛି ମନାନ୍ତର ନାହିଁ। ସେମାନେ କାହା ନିର୍ଦ୍ଦେଶରେ ଆସିଥିଲେ ତାହା ଜାଣିନାହିଁ। ସେମାନଙ୍କୁ ମଧ୍ୟ ଦଳ ପକ୍ଷରୁ କିଏ ନିର୍ଦ୍ଦେଶ ଦେଇଥିବେ ନିଶ୍ଚୟ। କିନ୍ତୁ ଏ ବିଷୟରେ ଜାଣିନାହାନ୍ତି ବୋଲି ସେ କହିଛନ୍ତି। ପୀଡ଼ିତାଙ୍କ ପରିବାର ସହ ପୃଥକ ପୃଥକ ପୃଥକ ମିଶିବା ଘଟଣାକୁ ନେଇ ଏଆଇସିସି ସଦସ୍ୟା ମନସା ତ୍ରିପାଠୀଙ୍କୁ ପଚାରିବାରୁ କୌଣସି ମନାନ୍ତର ନାହିଁ। କିନ୍ତୁ ସମନ୍ୱୟ ଅଭାବରୁ ଏହିଭଳି ହୋଇଯାଇଛି ବୋଲି କହିଛନ୍ତି। ଏଆଇସିସି ନିର୍ଦ୍ଦେଶପରେ ତୁରନ୍ତ ଯାଇ ପୀଡ଼ିତାଙ୍କ ପରିବାର ସହ ମିଶିଥିଲି ବୋଲି କହିଛନ୍ତି। ଭୁଜବଳ ମାଝୀ ଜିଲା ସଭାପତି ହିସାବରେ ଯାଇଥିଲେ ଏବଂ ଲିପକା ମାଝୀ ସତ୍ୟର ଅନୁସନ୍ଧାନ ଟିମ ସଦସ୍ୟ ଭାବେ ଯାଇଥିଲେ ବୋଲି ସେ କହିଛନ୍ତି।


ଏଆଇସିସି ସଦସ୍ୟା ମନସା ତ୍ରିପାଠୀ, ଜିଲା କଂଗ୍ରେସ ପୂର୍ବତନ ସଭାପତି ମୁନା ତ୍ରିପାଠୀ ପ୍ରମୁଖ ଥାନାରେ ଆଲୋଚନା କରି ଫେରୁଛନ୍ତି।

# ବସ୍ତାହେଳା ପ୍ରବେଶ ଉତ୍ସବ, ଖଡ଼ିଛୁଆଁ ନିମନ୍ତ୍ରଣ ପତ୍ର


ଅଭିଭାବକମାନଙ୍କୁ ନିମନ୍ତ୍ରଣ ପତ୍ର ଦିଆଯାଉଛି।

ତେନ୍ତୁଳିଖୁଣ୍ଟି, ୧୯।୩(ଚିଦାନନ୍ଦ ସାହୁ)

ନୂତନ ଶିକ୍ଷା ନୀତି ୨୦୨୦ ଅନୁଯାୟୀ ରାଜ୍ୟର ସମସ୍ତ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ବାଟିକା ଏପ୍ରିଲ ୨ରୁ ଆରମ୍ଭ ହେବ। ଉକ୍ତ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ପାଇଁ ତେନ୍ତୁଳିଖୁଣ୍ଟି ବ୍ଲକ ଖାତିଗୁଡ଼ା ଗ୍ରାମରେ ପରଜାବାରଙ୍ଗପଦର ସରପଞ୍ଚ ବନ୍ଦିତା ନାୟକ, ଏବିଇଓ ମୋହନ ମଧୁସୂଦନ ବାଗ, ପ୍ରଧାନ ଶିକ୍ଷୟିତ୍ରୀ ଚପଳା ଦେଇ, ସିଆର୍‌ସିସି ସୁଶ୍ରୀ ପ୍ରମୋଦ ସାମଲ ଶିଶୁ ବାଟିକା ଶ୍ରେଣୀରେ ଯୋଗ ଦେବାକୁଥିବା ପିଲାଙ୍କ ଅଭିଭାବକଙ୍କୁ ନିମନ୍ତ୍ରଣପତ୍ର ପ୍ରଦାନ କରିଛନ୍ତି। ଖଡ଼ିଛୁଆଁ ଲାଗି ବ୍ଲକର ସମସ୍ତ ୫ ବର୍ଷର ଛୁଆଙ୍କ ଅଭିଭାବକ ପାଖରେ ନିମନ୍ତ୍ରଣ ପତ୍ର ପହଞ୍ଚାଇବାକୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି ବଣ୍ଟନ କାର୍ଯ୍ୟକ୍ରମରେ ସହକାରୀ ଶିକ୍ଷୟିତ୍ରୀ ମମତା ପାଣିଗ୍ରାହୀଙ୍କ ସମେତ ପୂର୍ବତନ ଜିଲା ପରିଷଦ ସଭ୍ୟ ସଦାଶିବ ଜାନୀ, ହରେକୃଷ୍ଣ ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ।

# ୨୦୨୦ ଜାତୀୟ ଶିକ୍ଷାନୀତି କାର୍ଯ୍ୟକାରୀ ନେଇ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା

ନବରଙ୍ଗପୁର, ୧୯।୩(ସଦାଶିବ ପ୍ରହରାଜ)

ଓଡ଼ିଶା ସରକାରଙ୍କ ଦ୍ୱାରା ଜାତୀୟ ଶିକ୍ଷା ନୀତି ୨୦୨୦ କାର୍ଯ୍ୟକାରୀ ନ ହେବା ପ୍ରସଙ୍ଗରେ ଓଡ଼ିଶା ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତିଙ୍କ ଅଦାଲତରେ ଏକ ଜନସ୍ୱାର୍ଥ ମାମଲା ଦାୟର କରାଯାଇଛି। ହାଇକୋର୍ଟରେ ଆବେଦନକାରୀ ଦକ୍ଷିଣ ଓଡ଼ିଶା ଭତରା ବିକାଶ ପରିଷଦ ସଭାପତି ଅର୍ଜ୍ଜୁନ ଭତ୍ରାଙ୍କ ପକ୍ଷରୁ ଜନସ୍ୱାର୍ଥ ମାମଲା ଆଡଭୋକେଟ୍ ସଞ୍ଜିବ ଜୋଶୀ ଏବଂ ଏସ୍.ଏନ୍.ସାହୁ ଉପସ୍ଥାପନ କରିଛନ୍ତି।

ଆବେଦନକାରୀଙ୍କ ଅନୁଯାୟୀ ଓଡ଼ିଶା କେବିକେ ଅଞ୍ଚଳର ମାତୃଭାଷାକୁ ପ୍ରାଥମିକତା ଦେଉନାହିଁ। ଜାତୀୟ ଶିକ୍ଷା ନୀତି ୨୦୨୦ ନିର୍ଦ୍ଦେଶ ଅନୁଯାୟୀ ଛତିଶଗଡ଼ ଏବଂ ଝାଡ଼ଖଣ୍ଡ ଭଳି ପଡ଼ୋଶୀ ରାଜ୍ୟ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରୀଛାତ୍ରମାନଙ୍କୁ ୨୩ଟି ଭାଷାରେ ମାତୃଭାଷାକୁ ପ୍ରାଥମିକତା ଦେଇ ଶିକ୍ଷା ଦେଉଛନ୍ତି। ଜାତୀୟ ଶିକ୍ଷାନୀତି ୨୦୨୦ ଆଇନ ପ୍ରଣୟନ ହେବାର ୫ ବର୍ଷ ପରେ ମଧ୍ୟ ଏ ପର୍ଯ୍ୟନ୍ତ ରାଜ୍ୟ ସରକାର ଏହି ବିଷୟରେ ନୀରବ ରହିଛନ୍ତି। ପ୍ରତିଦିନ ଛାତ୍ରୀଛାତ୍ରଙ୍କ ପାଠପଢ଼ା ଛାଡିବା ହାର ବୃଦ୍ଧି ପାଉଛି। ଓଡ଼ିଶାରେ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷାଦାନ ପାଇଁ ଇଂରାଜୀ ଏବଂ ହିନ୍ଦୀ ବ୍ୟତୀତ କେବଳ ସରକାରୀ ଓଡ଼ିଆ ଭାଷା ହିଁ ଏକମାତ୍ର ଭାଷା। ଯେତେବେଳେ କୋରାପୁଟରେ ଏହା କୋରାପୁଟିଆ, ନବରଙ୍ଗପୁରରେ ନବରଙ୍ଗପୁରିଆ, ସେହିଭଳି କଳାହାଣ୍ଡି, ବଲାଙ୍ଗୀର ଓ ରାୟଗଡ଼ାର ନିଜସ୍ୱ ଆଞ୍ଚଳିକ ଭାଷା ରହିଛି। ଆଶ୍ଚର୍ଯ୍ୟର କଥା ଝାଡ଼ଖଣ୍ଡରେ ଓଡ଼ିଆ ଦ୍ୱିତୀୟ ସରକାରୀ ଭାଷା। ସେଠାରେ ପ୍ରାଥମିକ ଶିକ୍ଷା ପାଇଁ ସ୍ଥାନୀୟ କିମ୍ବା ମାତୃଭାଷାକୁ ପ୍ରାଥମିକତା ଦିଆଯାଏ। ଛତିଶଗଡ଼ରେ ମଧ୍ୟ ସମାନ ପରିସ୍ଥିତି। ଯଦି ଅନ୍ୟ ପଡ଼ୋଶୀ ରାଜ୍ୟଗୁଡ଼ିକ କେବିକେ ଜିଲାଗୁଡ଼ିକର ଆଞ୍ଚଳିକ ଭାଷା ଓ ମାତୃଭାଷାକୁ ପ୍ରାଥମିକତା ଦେଇ ଜାତୀୟ ଶିକ୍ଷା ନୀତି କାର୍ଯ୍ୟକାରୀ କରୁଛନ୍ତି ତେବେ ଓଡ଼ିଶାରେ କାହିଁକି ନୁହେଁ ବୋଲି ପ୍ରଶ୍ନ ଉଠାଇଛନ୍ତି। ଜାତୀୟ ଶିକ୍ଷା ନୀତି ୨୦୨୦ କାର୍ଯ୍ୟକାରୀ ହେଲେ ପ୍ରାଥମିକ ଭାଷାରେ ପାଠପଢ଼ା ଛାଡିବା ହାର ହ୍ରାସ ପାଇବ ଏବଂ ପ୍ରାଥମିକ ସ୍ତରରେ ପିଲାମାନେ ନିଜ ମାତୃଭାଷାରେ ଶିକ୍ଷା ପାଇବାକୁ ଉତ୍ସାହିତ ହେବେ ବୋଲି ଅର୍ଜ୍ଜୁନ କହିଛନ୍ତି। ଏହି ପ୍ରସଙ୍ଗଟି ନବରଙ୍ଗପୁରର ଜିଲା ପରିଷଦ ବୈଠକରେ ମଧ୍ୟ ଆଲୋଚନା ହୋଇଥିଲା। ପ୍ରାଥମିକ ବିଦ୍ୟାଳୟରେ ସ୍ଥାନୀୟ ଶିକ୍ଷକ ନିଯୁକ୍ତି ପାଇଁ ଲୋକେ ଦାବି କରିଛନ୍ତି। ଯିଏ ପ୍ରାଥମିକ ବିଦ୍ୟାଳୟର ପିଲାମାନଙ୍କୁ ସ୍ଥାନୀୟ ଭାଷାରେ ପଢ଼ାଇପାରିବେ। ତେଣୁ ଓଡ଼ିଶା ସରକାର ଲୋକଙ୍କ ଭାବନାକୁ ବୁଝିବା ଉଚିତ ଏବଂ ପ୍ରାଥମିକ ବିଦ୍ୟାଳୟର ପିଲାମାନଙ୍କ ମୌଳିକ ଅଧିକାରକୁ ସୁରକ୍ଷା ଦେବା ଉଚିତ୍ ବୋଲି ଅର୍ଜ୍ଜୁନ କହିଛନ୍ତି।

# ଚାକିରି ପାଇଁ ଭୁଲ୍ ଜାତିଗତ ପ୍ରମାଣପତ୍ର ହାତେଇଥିବା ଅଭିଯୋଗ

ପାପଡ଼ାହାଣ୍ଡି, ୧୯।୩ (ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ତହସିଲ ଅଧୀନ ଗାଦବାକତ୍ରା ଗ୍ରାମର ହରିଜନ ସାହିର ଅଙ୍ଗନୱାଡି କେନ୍ଦ୍ର ରୋଷେୟା ହେବାକୁ ଜଣେ ଭୁଲ ଜାତିଗତ ପ୍ରମାଣ ପତ୍ର ହାତେଇଥିବା ଅଭିଯୋଗ ହୋଇଛି। ଉକ୍ତ ପଦବୀ ପାଇଁ ଆବେଦନ କରିଥିବା ସୁମିତ୍ରା ଭତରା ଅନ୍ୟ ଜଣେ ଆବେଦନକାରୀ ମିନତୀ ସାଗରଙ୍କ ନାମରେ ତହସିଲଦାରଙ୍କ ନିକଟରେ ଅଭିଯୋଗ କରି ତଦନ୍ତ ଦାବି କରିଛନ୍ତି।

ସୂଚନାନୁଯାୟୀ, ହରିଜନ ସାହି ଅଙ୍ଗନୱାଡି କେନ୍ଦ୍ର ରୋଷେୟା ପାଇଁ ଗତ ୨୧ ଅକ୍ଟୋବର ୨୪ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ସୁମିତ୍ରା ଭତରା ଓ ମିନତୀ ସାଗର ଏଥିଲାଗି ଆବେଦନ କରିଥିଲେ। ହିନ୍ଦୁ ମହିଳାଙ୍କ ଲାଗି ବିଜ୍ଞପ୍ତି ପ୍ରକାଶ ରହିଥିଲା। ସୁମିତ୍ରା ହିନ୍ଦୁ ହୋଇଥିବାବେଳେ ସେ ଦଳିତ ସମ୍ପ୍ରଦାୟରେ ବିବାହ କରିଛନ୍ତି। ମିନତୀ ଅବିବାହିତ ଓ ସେ ଅନ୍ୟ ଧର୍ମ ଗ୍ରହଣ କରିଥିବା ଅଭିଯୋଗ ହୋଇଛି। ମଙ୍ଗଳବାର ମିନତୀ ତହସିଲଠାରୁ ଅନୁସୂଚିତ ଜାତି ପ୍ରମାଣ ପତ୍ର ହାତେଇଛନ୍ତି। ଏହା ଜାଣିବା ପରେ ସୁମିତ୍ରା ପାପଡ଼ାହାଣ୍ଡି ତହସିଲଦାରଙ୍କୁ ବୁଧବାର ଲିଖିତଭାବେ ଜଣାଇଛନ୍ତି। ମୀନତିଙ୍କ ଜାତିଗତ ପ୍ରମାଣପତ୍ର ଯାଞ୍ଚ ଲାଗି ନିବେଦନ କରିଛନ୍ତି। ତହସିଲଦାର ତପନ କୁମାର ନାୟକ ଗୁରୁବାର ଘଟଣାର ତଦନ୍ତ କରିବେ ବୋଲି କହିଛନ୍ତି।


ସୁମିତ୍ରା ତହସିଲଦାରଙ୍କୁ ଅଭିଯୋଗପତ୍ର ପ୍ରଦାନ କରୁଛନ୍ତି।

# ଚକ ଫାଟିଯିବାରୁ ଓଲଟିପଡ଼ିଲା ବସ୍


ଦୁର୍ଘଟଣାସ୍ଥଳରେ ଲୋକଙ୍କ ଭିଡ଼।

**ଜଣେ ଯାତ୍ରୀ ମୃତ, ୧୫ରୁ ଊର୍ଦ୍ଧ୍ୱ ଆହତ**

ନବରଙ୍ଗପର, ୧୯।୩(ସଦାଶିବ ପ୍ରହରାଜ)

ରାଇଘରରୁ ଜୟପୁର ଅଭିମୁଖେ ଯାଉଥିବା ଏକ ଘରୋଇ ବସ୍‌ର ଚକ ଫାଟିଯିବାରୁ ତାହା ଓଲଟିପଡ଼ିଥିଲା। ବସ୍ ତଳେ ଚାପିହୋଇ ଜଣେ ଯାତ୍ରୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଡାବୁଗାଁର ଗୋବିନ୍ଦ ତ୍ରିପାଠୀ (୪୬)। ଏଥିରେ ଡେଙ୍ଗାତୋଟାଗୁଡ଼ା ଗାଁର ନବିଣା ଜାନୀ(୪୦), ଦଶରୁ ଜାନୀ(୩୦), ସିଲାଟି ଗାଁର କୌଶଲ୍ୟା ଭକ୍ତ(୧୯), ନିମ୍ବାହାଣ୍ଡିର ସୁନାଦେଇ ଭତ୍ରାଙ୍କ ସମେତ ପ୍ରାୟ ୧୫ ଜଣ ଆହତ ହୋଇଛନ୍ତି। ଆହତଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ପରେ ଆହତମାନେ ଫେରିଯାଇଥିବା ସୂଚନା ମିଳିଛି।

ସୂଚନାନୁଯାୟୀ, ଏସ୍‌ବିଟି ନାମକ ଏକ ଘରୋଇ ବସ୍ ରାଇଘରରୁ ଜୟପୁର ଅଭିମୁଖେ ଯାଉଥିଲା। ବୁଧବାର ସକାଳ ୮ଟା ୩୦ରେ ନବରଙ୍ଗପୁର ତାରାଗାଁ ପାଖରେ ବସ୍‌ଟିର ପଛ ଟାୟାର ଫାଟିଯାଇଥିଲା। ଫଳରେ ଭାରସାମ୍ୟ ହରାଇ ବସ୍‌ଟି ଓଲଟି ପଡ଼ିଥିଲା ବୋଲି ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ତେବେ ବସ୍‌ର ଫିଟ୍‌ନେସ୍ ଓ ବୀମା ରହିଥିଲା କି ନାହିଁ ତାହା ସ୍ପଷ୍ଟ ସୂଚନା ମିଳିନାହିଁ। ବସ୍ ତଳେ ଚାପିହେଇ ଯାତ୍ରୀ ଗୋବିନ୍ଦଙ୍କ ମୃତ୍ୟୁ ହୋଇଥିଲା। ଏଥିରେ ପ୍ରାୟ ୧୫ଜଣ ଆହତ ହୋଇଥିଲେ। ଆହତଙ୍କୁ ଉଦ୍ଧାରକରି ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ବସ୍‌ରେ ୫୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଥିବାବେଳେ ତାହା ଦ୍ରୁତଗତିରେ ଯାଉଥିବା ପ୍ରତ୍ୟକ୍ଷଦର୍ଶୀମାନେ କହିଛନ୍ତି। ତେବେ ଘଟଣାସ୍ଥଳରେ ପୋଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରିଥିଲେ। ପୋଲିସ ମୃତଦେହ ଜବତକରିବା ସହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ନବରଙ୍ଗପୁର ପୋଲିସ ୧୨୦/୨୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

# ଏସ୍‌ଏଚ୍‌ଜି, ଅଙ୍ଗନୱାଡ଼ି କର୍ମୀଙ୍କୁ ତାଲିମ



ତାଲିମ କାର୍ଯ୍ୟକ୍ରମରେ ଅଧିକାରୀ ଓ ଅନ୍ୟମାନେ।

ଡାବୁଗାଁ, ୧୯ ।୩ (ପ୍ରଜ୍ଞା ରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷରେ ସ୍ଥାୟୀ ଗ୍ରାମ୍ୟ ଜୀବିକା ସହ ମୁଖ୍ୟ ଯୋଜନାରେ ମିଶ୍ରଣ ସୁନିଶ୍ଚିତ ଉପରେ ତାଲିମ୍ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାୟୀ ଗ୍ରାମ୍ୟ ଜୀବିକା ସହ ମୁଖ୍ୟ ଯୋଜନାରେ ମିଶ୍ରଣ ସୁନିଶ୍ଚିତ କରିବା ଉପରେ ତାଲିମ୍ ଦିଆଯାଇଥିଲା। ଏଥିରେ ପ୍ରଶିକ୍ଷକ ଭାବେ ବିଡିଓ ଶରତ ମାଝୀ, ଏବିଡିଓ ପଦ୍ମନାଭ ତ୍ରିପାଠୀ ଓ ଓଏଲ୍‌ଏମ୍ ବିପିଏମ ଦୀପ୍ତି କିଶୋର ନାୟକ ପ୍ରମୁଖ ତାଲିମ ଦେଇଥିଲେ। ଏଥରେ ଏମ୍‌ବିକେ, ସିଆରପି, ଏସ୍‌ଏଚ୍‌ଜି ସଭ୍ୟା, ସମସ୍ତ ଅଙ୍ଗନୱାଡି କର୍ମୀମାନେ ତାଲିମ ନେଇଥିଲେ। ପେସା ସଂଯୋଜକ ଶୁଭଶ୍ରୀ ମହାକୁଡ ଓ ଦକ୍ଷତା ବ୍ଲକ ସହାଭାଗୀ ମୋନାଲ ପରିଡ଼ା ତାଲିମ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ନୂତନ ବିଇଓଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଚନ୍ଦାହାଣ୍ଡି, ୧୯।୩(ଦିଲୀପ ଦାସ)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ବିଇଓଙ୍କ କାର୍ଯାଳୟରେ ବୁଧବାର ନୂତନ ବିଇଓ ଜଗନ୍ନାଥ ଧରୁଆ(ଓଇଏସ)ଙ୍କୁ ନିଖିଳ ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିରେ ସଂଘ ଉପସଭାପତି ବସନ୍ତ ଧୁରୁଆ, ସମ୍ପାଦକ ପ୍ରସନ୍ନ ନାୟକ, ଜିଲା ସହ ସମ୍ପାଦକ ପ୍ରେମଚାନ୍ଦ ବିଷୋୟୀଙ୍କ ସମେତ ତରଣସିଂ ପୁଜାରୀ, ପ୍ରକାଶ ବେଶ୍ରା, ଭବାନୀ ନାୟକ, ପର୍ଶୁରାମ ସୁନାନୀ, ତିରଣସିଂ ମାଝୀ, ବୃନ୍ଦାବତୀ ମାଝୀ, ସୁବାସଚନ୍ଦ୍ର ସାହୁ, ତୁଳାରାମ ମାଝୀ, ଦେବାନନ୍ଦ ନାୟକ, ପୁରଣ ମନହିରା, ପ୍ରଫୁଲ୍ଲାଲ ପୁଜାରୀ, ଦେଓକୁମାର ସାହୁ, ହୃଷୀକେଶ ସୁନାନୀ, ଅଭିରାମ ବଗର୍ତ୍ତୀ, ଧନେଶ୍ୱର ଖମାରି, ଚନ୍ଦ୍ରଧ୍ୱଜ ଡଙ୍ଗରୀ, ରାଜକୁମାର ପୁଜାରୀ, ଘନଶ୍ୟାମ ଗୌଡ, ଯୁଧୀଷ୍ଠୀର ବଞ୍ଜରା ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷାର ଉନ୍ନତି ଦିଗରେ ସମସ୍ତଙ୍କର ସହଯୋଗ ଆବଶ୍ୟକ ବୋଲି ନୂତନ ବିଇଓ କହିଥିଲେ।

# ଓଡ଼ିଶା ଦିବସରେ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, କବିତା ପାଠ

ନବରଙ୍ଗପୁର, ୧୯।୩
(ସଦାଶିବ ପ୍ରହରାଜ)

ନବରଙ୍ଗପୁର ତୃପ୍ତି ସମ୍ମିଳନୀ କକ୍ଷରେ ଉତ୍କଳ ପରିଷଦ ସଭାପତି ବିଜୟ ଚୌଧୁରୀଙ୍କ ସଭାପତିତ୍ୱରେ ଓଡ଼ିଶା ଦିବସ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବୈଠକ ପ୍ରାରମ୍ଭରେ ଦିବଂଗତ କବି ସାହିତ୍ୟକ ରମାକାନ୍ତ ରଥଙ୍କ ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ପରିଷଦ ମୁଖ୍ୟ ଉପଦେଷ୍ଟା ଜଗନ୍ନାଥ ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଆଗାମୀ ଓଡ଼ିଶା ଦିବସ କିପରି ପାଳନ ହେବ ସେ ନେଇ ସଭ୍ୟଙ୍କଠାରୁ ମତାମତ ସଂଗ୍ରହ କରିଥିଲେ। ଓଡ଼ିଶା ଦିବସ ଦିନ ନବରଙ୍ଗପୁର ଜିଲାର ଜଣେ ବରିଷ୍ଠ ସାହିତ୍ୟିକଙ୍କୁ ବକ୍ତାଭାବେ ନିମନ୍ତ୍ରଣ କରିବାକୁ ନିଷ୍ପତ୍ତି ଗ୍ରହଣ ନିଆଯାଇଛି। ସେହିଦିନ ପ୍ରତିଷ୍ଠିତ କବିଙ୍କ ଦ୍ୱାରା କବିତା ପାଠ ଓ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବାକୁ ସ୍ଥିର ହୋଇଛି। ବୈଠକରେ ଉପସଭାପତି ଜଗଦୀଶ ତ୍ରିପାଠୀ, ପ୍ରଭାସିନୀ ମହାନ୍ତି, ସମ୍ପାଦକ ତପନ କୁମାର ବିଷୋୟୀ, ସହ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ, ଗୋପାଳ ପାଣିଗ୍ରାହୀ, ଡ.ପୂର୍ଣ୍ଣ ମହାପାତ୍ର, ପି.ରବିକାନ୍ତ ରଘୁରାମ, ଉପଦେଷ୍ଟା ଦେବେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଶ୍ରମିକ ପରିବାରକୁ ମିଳୁନି ବିବାହ ସହାୟତା ରାଶି

**ବ୍ଲକ, ଶ୍ରମ ଅଧିକାରୀ କାର୍ଯ୍ୟାଳୟ ଯାଇଯାଇ ହତାଶ**

ନବରଙ୍ଗପୁର, ୧୯।୩(ସଦାଶିବ ପ୍ରହରାଜ)

ହିନ୍ଦୁ ବିବାହ ପଞ୍ଜିକରଣ ପ୍ରମାଣପତ୍ର ଥାଇ ମଧ୍ୟ ମିଳୁନି ସହାୟତା। ଶ୍ରମ ବିଭାଗକୁ ବିବାହ ସହାୟତା ରାଶି ପାଇବାକୁ ଯାଇ ହିତାଧିକାରୀ ନୟାନ୍ତ ହେଉଛନ୍ତି। ବିଡ଼ମ୍ବନାର ବିଷୟ ଯେ ପ୍ରମାଣପତ୍ର ମିଳିଥିବା ସତ୍ତ୍ୱେ ତଦନ୍ତ ପାଇଁ ପଠା ଗଲେ ବିବାହ ପଞ୍ଜିକରଣ ହୋଇ ନ ଥିବା ଉତ୍ତର ମିଳୁଛି। ଏହାଦ୍ୱାରା ପ୍ରକୃତ ହିତାଧିକାରୀ ସହାୟତା ପାଇବାରୁ ବଞ୍ଚିତ ହେଉଛନ୍ତି। ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ ବଜ୍ରଗଡ଼ ଗାଁରେ ଏଭଳି ଘଟଣା ଘଟିଛି।

ସୂଚନାନୁଯାୟୀ ବଜ୍ରଗଡ଼ ଗାଁର ଉଷା ମଙ୍ଗଲିଙ୍କ ଝିଅ ବୋରିଗୁମ୍ମା ବ୍ଲକ ଛତର୍ଲା ଗାଁରେ ବିବାହ କରିଛନ୍ତି। ତାଙ୍କୁ କୋଷାଗୁମୁଡ଼ା ବ୍ଲକରୁ ୨୦୨୪ ଜୁଲାଇ ୨୩ରେ ବିବାହ ପ୍ରମାଣ ପତ୍ର ପାଇଛନ୍ତି। ସେହିଭଳି ଉକ୍ତ ଗାଁର ବାଲମତି ମଙ୍ଗଲିଙ୍କ ଝିଅ ସୁଭଦ୍ରା ମାଙ୍ଗଲି ଛତର୍ଲା ଗାଁରେ ସଦନଙ୍କ ସହିତ ବିବାହ କରିଥିବା ନେଇ ୨୦୨୪ ଜୁଲାର ୨୭ରେ ବିବାହ ପ୍ରମାଣ ପତ୍ର ପାଇଛନ୍ତି। ଗୁରୁବାରୀ ରନ୍ଧାରୀଙ୍କ ଝିଅ ଖୀରମଣି ଛତିଶଗଡ଼ର ଜଗଦଲପୁରଠାରେ ଦୀପକ ଯାଦବଙ୍କୁ ବିବାହ କରିଥିବାବେଳେ ଏହାର ପ୍ରମାଣପତ୍ର ୨୦୨୪ ଅଗଷ୍ଟ ୧୬ ତାରିଖରେ ପାଇଛନ୍ତି। ନିଳା ଗୌଡ଼ଙ୍କ ଝିଅ ଭାନୁମତି ଡଙ୍ଗରା ଗାଁର କୈଳାଶ ଗୌଡ଼ଙ୍କୁ ବିବାହ କରିଥିବା ନେଇ କୋଷାଗୁମୁଡା ବ୍ଲକରୁ ବିବାହ ପ୍ରମାଣ ପତ୍ର ପାଇଛନ୍ତି। କିନ୍ତୁ ସେମମାନଙ୍କୁ ବିବାହ ସହାୟତା ରାଶୀ ୫୦ ହଜାର ଟଙ୍କା ମିଳିନି। ଏନେଇ ହିତାଧିକାରୀମାନେ ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟକୁ ଦୌଡ଼ି ନୟାନ୍ତ ହେଲେଣି। ବିବାହ ସହାୟତା ରାଶି ପାଇବା ଯୋଗ୍ୟ ଥିଲେ ମଧ୍ୟ ଏହା ମିଳୁନି ବୋଲି ହିତାଧିକାରୀମାନେ ଅଭିଯୋଗ କରିଛନ୍ତି। ଚାମୁରୁଣୀ ମଙ୍ଗଲିଙ୍କ ବିବାହ ପ୍ରମାଣପତ୍ରରେ ବିବାହ ତାରିଖ ଓ ଅନ୍ୟ କିଛି ତ୍ରୁଟି ଥିବାରୁ ସଂଶୋଧନ ପାଇଁ ବ୍ଲକ କାର୍ଯ୍ୟାଳୟକୁ ଯାଇଥିଲେ। ସଂଶୋଧନ କରି ପ୍ରମାଣପତ୍ର ଦେବାବେଳେ ସେଠାରେ ଚାମୁରୁଣୀ ପରିବର୍ତ୍ତେ ଚନ୍ଦ୍ରମଣି ଉଲ୍ଲେଖ କରି ଆଉ ଏକ ପ୍ରମାଣ ପରେ ପୂର୍ବ ଦସ୍ତଖତ ତାରିଖରେ ପକାଇ ପ୍ରଦାନ କରାଯାଇଛି। ଥରେ ବିବାହ ପଞ୍ଜିକରଣ ହେବା ପରେ ପ୍ରମାଣ ପତ୍ର ମିଳିଥାଏ। ପରବର୍ତ୍ତୀ ସମୟରେ ସଂଶୋଧନ କରି ପ୍ରମାଣପତ୍ର ପ୍ରଦାନ କରାଗଲେ ସେହି ଦିନ ଓ ତାରିଖ ଉଲ୍ଲେଖ କରାଯାଏ। ଏବେ ସଂଶୋଧନ ପରେ ମଧ୍ୟ ଦିନ ଓ ତାରିଖ ପୂର୍ବ ବର୍ଷ ଓ ମାସର ପକାଉଛନ୍ତି। ଏହାର ତଦନ୍ତ କରିବାକୁ ଦାବି ହୋଇଛି। ହିତାଧିକାରୀଙ୍କୁ ସହାୟତା ନ ମିଳିବାର କାରଣ ସମ୍ପର୍କରେ ଜିଲା ଶ୍ରମ ଅଧିକାରୀ ଛୋଟରାୟ ଟୁଡୁଙ୍କୁ ପଚରିବାରୁ ସେ କହିଛନ୍ତିଯେ ବିବାହ ପ୍ରମାଣପତ୍ର ଗୁଡ଼ିକ ଅସଲି ନାଁ ନକଲି ବୋଲି ଜାଣିବା ପାଇଁ କୋଷାଗୁମୁଡା ବ୍ଲକକୁ ପଠାଯାଇଥିଲା। ତେବେ ବିବାହ ପଞ୍ଜିକରଣ ଏମାନଙ୍କ ନାମରେ ନାହିଁ ବୋଲି ରିପୋର୍ଟ ଆସିଛି। ଏଥିପାଇଁ ସହାୟତା ରାଶି ପ୍ରଦାନ କରାଯାଇ ପାରୁନାହିଁ। ବ୍ଲକ ତରଫରୁ ସଠିକ ରିପୋର୍ଟ ଆସିଲେ ସହାୟତା ମିଳିବ ବୋଲି କହିଛନ୍ତି। ଏନେଇ କୋଷାଗୁମୁଡ଼ା ବିଡ଼ିଓ ଅଶିତ ତ୍ରିପାଠୀଙ୍କୁ ପଚାରିବାରୁ ଜିପିଓଙ୍କୁ ବିବାହ ପ୍ରମାଣପତ୍ର ପ୍ରଦାନ ଦାୟିତ୍ୱ ଦିଆଯାଇଛି। ଅଭିଯୋଗ ସମ୍ପର୍କରେ ତାଙ୍କ ସହ ଯୋଗାଯୋଗ କରିବେ ବୋଲି ସେ କହିଛନ୍ତି। ଏ ନେଇ ଜିପିଓ ତ୍ରିଲୋଚନ ଛଞ୍ଚାଣ କହିଛନ୍ତି ଯେ, ଜିଲା ଶ୍ରମ ଅଧିକାରୀ ଯେଉଁ ସବୁ ସାର୍ଟିଫିକେଟ ତ୍ରୁଟି ସୁଧାର କରାଯିବବ ତାହାର ରିପୋର୍ଟ ଦେଲେ ଯାଞ୍ଚ ସହ ତଥ୍ୟ ଠିକ୍ କରି ପୁଣି ସଂଶୋଧନ ରିପୋର୍ଟ ପଠାଯିବ।


ସହାୟତା ରାଶୀ ସମ୍ପର୍କରେ ଅଭିଯୋଗ କରିବାକୁ ଆସିଥିବା ମହିଳାମାନେ।

# ରାସ୍ତା କାର୍ଯ୍ୟ ପାଇଁ ଜଙ୍ଗଲ ଜମିରୁ ମାଟି ନେଲା ଠିକା ସଂସ୍ଥା

■ ଅଭିଯୋଗ ପରେ ରେଞ୍ଜରଙ୍କ ତଦନ୍ତ
■ ଠିକା ସଂସ୍ଥାକୁ କହିଥିଲେ ଜଣେ ବ୍ୟକ୍ତି

କୋରୁକୋଣ୍ଡା, ୧୯।୩(ଶିବଦତ୍ତ ସାହୁ)

କୋରୁକୋଣ୍ଡା ବ୍ଲକ ପୋଟ୍ରେଲ ପଞ୍ଚାୟତ ଏମ୍‌ଭି –୩୫ ଛକ ନିକଟ ତଥା ସୋମନାଥପୁର ବନାଞ୍ଚଳ ଏବଂ କିଛି ଅଞ୍ଚଳ କାମେଡା ରାଜସ୍ୱ ସର୍କଲ ଅଧୀନରେ ବାଲିମେଳା– ମାଲକାନଗିରି ମୁଖ୍ୟ ରାସ୍ତା ପାର୍ଶ୍ୱରେ ଥିବା ଜଙ୍ଗଲ ଜମିରୁ ଗତ ରବିବାର, ସୋମବାର ବନ ବିଭାଗ ଏବଂ ପ୍ରଶାସନର ଅନୁମତି ନ ନେଇ ବିଏମ୍‌ଏସ କନ୍‌ଷ୍ଟ୍ରକ୍ସନ ଜେସିବି ଯୋଗେ ଏକ ପୋଖରୀ ଖୋଳି ମାଟି ନେଇ ନିର୍ମାଣ ହେଉଥିବା ବାଲିମେଳା–ମାଲକାନଗିରି ମୁଖ୍ୟ ରାସ୍ତାରେ ବିଛାଇଛି। ଦାଇତ୍ୱରେ ଥିବା ବନ କର୍ମଚାରୀ ଓ ଅଧିକାରୀ ଘଟଣା ସମ୍ପର୍କରେ ଜାଣି ପାରିନାହାନ୍ତି। ସ୍ଥାନୀୟ ଲୋକଙ୍କ ଅଭିଯୋଗ କ୍ରମେ ସୋମବାର ଗଣମାଧ୍ୟମ ପ୍ରତିନିଧିଙ୍କ ପକ୍ଷରୁ ବନ ବିଭାଗର ଅଧିକାରୀଙ୍କ ନିକଟକୁ ପୋଖରୀ ଖନନ ହେଉଥିବା କାର୍ଯ୍ୟର ଫଟୋ, ସମସ୍ତ ତଥ୍ୟ ଦିଆଯାଇଥିଲା। ବନ ବିଭାଗର କୌଣସି କର୍ମଚାରୀ କିମ୍ବା ଅଧିକାରୀ ଘଟଣାସ୍ଥଳକୁ ଆସିନଥିଲେ। ମଙ୍ଗଳବାର ବାଲିମେଳା ବନଖଣ୍ଡ ଅଧିକାରୀ ଲିପ୍ସିତା କଅଁରଙ୍କ ନେତୃତ୍ୱରେ ସୋମନାଥପୁର ବନପାଳ କ୍ଷୀରଲତା ନାୟକ, ବନରକ୍ଷୀ ସୁଜାତା ବୈରାଗୀ ଓ ପ୍ରଶାନ୍ତ କୁମାର ରାଉତଙ୍କ ସହ ଏକ ଟିମ୍ ପହଞ୍ଚି ତଦନ୍ତ କରିଥିଲେ। ରାସ୍ତା କାମ କରୁଥିବା ଠିକା ସଂସ୍ଥା ଉକ୍ତ ଅଞ୍ଚଳରେ କାର୍ଯ୍ୟ ଦାୟିତ୍ୱରେ ଥିବା ବ୍ୟକ୍ତିଙ୍କୁ ରେଞ୍ଜର ପଚାରିବାରୁ ସେଠାରୁ ମାଟି ନେବା ପାଇଁ ବନ ବିଭାଗର କୌଣସି ଅନୁମତି ନେଇ ନ ଥିବା ସ୍ୱୀକାର କରିଥିଲେ। ଏମଭି –୩୫ ଗାଁରେ ରହୁଥିବା ମାଣିକ ବିଶ୍ୱାସ ଆମକୁ ଜାଗା ଦେଖାଇଥିଲେ। ମୋର ଅଧା ଖୋଳା ହୋଇଥିବା ପୋଖରୀରୁ ତୁମେ ମାଟି ନେଇଯାଅ ବୋଲି କହିଥିଲେ। ଏ ସମ୍ପର୍କରେ ମାଣିକଙ୍କ ପରିବାର ଲୋକଙ୍କୁ ପଚାରିବାରୁ କମ୍ପାନୀ ଲୋକେ ଆମକୁ ମାଟି ନେବାକୁ କହିଥିଲେ। କିନ୍ତୁ ବନ ବିଭାଗର ଅନୁମତି ଆଣିଲେ ନେବ ବୋଲି ଆମେ କହିବା ପରେ ସେମାନେ ବନ ବିଭାଗର ଜଣେ ଦିଦିଙ୍କ କଥା ହୋଇଥିବା ଆମକୁ କହିବା ପରେ ମାଟି ନେବାକୁ କହିଥିଲୁ ବୋଲି କହିଛନ୍ତି।

ଘଟଣାର ତଦନ୍ତ ପାଇଁ ଠିକା ସଂସ୍ଥା ମୁଖ୍ୟ ମାଣିକ ବିଶ୍ୱାସଙ୍କୁ ରେଞ୍ଜର ମଙ୍ଗଳବାର ଅଫିସକୁ ଡାକିଥିଲେ। ହେଲେ ଉଭୟପକ୍ଷ ଆସିନଥିବା ଜଣା ପଡିଛି। ତେବେ ବେଆଇନ ଭାବେ ଖୋଳା ଯାଇଥିବା ପୋଖରୀ ମଝିରେ ଥିବା ୧୧ କେଭି ବିଦ୍ୟୁତ୍ ଖୁଣ୍ଟ ମୂଳରୁ ମାଟି ଖୋଳା ଯାଇଥିବାରୁ ବର୍ତ୍ତମାନ ଉକ୍ତ ଖୁଣ୍ଟଟି ବିପଦ ସଂକୁଳ ଅବସ୍ଥାରେ ରହିଛି। ତେବେ ଏହି ଘଟଣାରେ ବନ ବିଭାଗ ପକ୍ଷରୁ କାହାରି ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ।

ସୂଚନାଯୋଗ୍ୟ, ୨୦୨୩ ଜୁନ ୨୭ରେ ଏମ୍‌ଭି–୩୫ ଗ୍ରାମର ମାଣିକ ବିଶ୍ୱାସ ସରକାରୀ ଜାଗାରେ ଘର କରିବା ସହ ଜଙ୍ଗଲ ଜମିରେ ମେସିନ ଯୋଗେ ପୋଖରୀ ଖନନ କରୁଥିଲେ। ଏହି ଖବର ଶୁଣିବା ମାତ୍ରେ କାମେଡା ରାଜସ୍ୱ ନିରୀକ୍ଷକ ବିଭୁଦତ୍ତ ଗୌଡ଼, ବନରକ୍ଷୀ ସୁବ୍ରତ ପରିଡାଙ୍କ ସମେତ ଚିତ୍ରକୋଣ୍ଡା ତହସିଲଦାର ଟି. ପଦ୍ମନାଭ ଦୋରା, ଓର୍କେଲ ଥାନା ଅଧିକାରୀ ରଘୁନାଥ ମାଝିଙ୍କ ନେତୃତ୍ୱରେ ସେଠାରେ ଥିବା ଯେସବି ମେସିନକୁ ଜବତ କରି ଥାନାକୁ ନେବା ସହ ପ୍ରଶାସନ ପକ୍ଷରୁ ମାଣିକଙ୍କଠାରୁ ପ୍ରାୟ ୧ ଲକ୍ଷ ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଏ ସମ୍ପର୍କରେ ବାଲିମେଳା ରେଞ୍ଜର କଅଁରଙ୍କୁ ପଚାରିବାରୁ ଘଟଣାର ତଦନ୍ତ ଚାଲିଛି। ନିଶ୍ଚୟ ବିଭାଗ ପକ୍ଷରୁ ଏ ନେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ଯଦି ଠିକା ସଂସ୍ଥା ମୁଖ୍ୟ ଏବଂ ମାଣିକ ନାମକ ବ୍ୟକ୍ତି ନ ଆସିବେ ତେବେ ବିଭାଗ ପକ୍ଷରୁ ତାଙ୍କୁ ନୋଟିସ ପଠାଯିବ ବୋଲି ରେଞ୍ଜର କହିଛନ୍ତି।


ଖୋଳା ଯାଇଥିବା ମାଟି।

